## ସଂକ୍ଷେପରେ

### ଚୋରି ଅଭିଯୋଗରେ ଜଣେ ଗିରଫ

ଚାନ୍ଦବାଲି, ୧୧।୩ (କିଷାନ ପାତ୍ର)

ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ମାଧପୁର ପଞ୍ଚାୟତର ସାନସିଂହପୁର ଗ୍ରାମର ସୁଧାଂଶୁ ଶେଖର ବିଶ୍ୱାଳଙ୍କ ଘରୁ ଗତ ୨୭ ତାରିଖରେ ଚୋରି ହୋଇଥିଲା। ଏହି ଚୋରି ଘଟଣାରେ ଚାନ୍ଦବାଲି ପୋଲିସ ମାଧପୁର ଗ୍ରାମର ସୋନୁ ମୁଦୁଲି (୨୫)ଙ୍କୁ ଗିରଫ ପରେ ବୁଧବାର କୋର୍ଟ ଚାଲାଣ କରିଛି। ସୁଧାଂଶୁଙ୍କ ଘର କବାଟ ତାଡ଼ି ଘର ଭିତରକୁ ପ୍ରବେଶ କରି ପ୍ରାୟ ୬ ଭରି ସୁନା ଗହଣା ସହ ନଗଦ ୨ ଲକ୍ଷ ୫୦ ହଜାର ଟଙ୍କା ଚୋରି ହୋଇଥିବା ସେ ଥାନାରେ ଅଭିଯୋଗ କରିଥିଲେ। ଚୋରି ସମୟରେ ଘରଲୋକ ଉଠି ପଡ଼ିବାରୁ ଅଭିଯୁକ୍ତ ନିଜର ସ୍କୁଟି ସେଠାରେ ଛାଡ଼ି ପଳାଇ ଯାଇଥିଲେ। ପରେ ପୋଲିସ ସ୍କୁଟିର ନମ୍ବର ଟ୍ରାକ୍ କରି ସୋମବାର ରାତିରେ ଭଦ୍ରକ ଅଞ୍ଚଳରୁ ସୋନୁକୁ ଗିରଫ କରିଥିଲା। ଏହି ଘଟଣାରେ ଚାନ୍ଦବାଲି ଥାନାରେ ମାମଲା (ନଂ. ୬୯/୨୬) ରୁଜୁ ହୋଇଛି।

### ଦିବ୍ୟାଙ୍ଗ ମହିଳାଙ୍କୁ ପୋଡ଼ି ମାରିବା ଉଦ୍ୟମ ଘଟଣା: ୩ ଅଟକ

ବାସୁଦେବପୁର, ୧୧।୩(କାଳିପଦ ରାୟ)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ୍ ଅଧୀନ ଜଗନ୍ନାଥ ପ୍ରସାଦ ପଞ୍ଚାୟତର ଜୟକୃଷ୍ଣପୁର ଗ୍ରାମର ଜଣେ ଦିବ୍ୟାଙ୍ଗ ମହିଳାଙ୍କୁ ଡିଜେଲ ଢାଳି ପୋଡ଼ି ମାରିବା ପାଇଁ ଉଦ୍ୟମ ଘଟଣାରେ ୩ ଅଭିଯୁକ୍ତଙ୍କୁ ପୋଲିସ ଅଟକ ରଖିଛି। କିସ୍ମତ କୃଷ୍ଣପୁର ଗ୍ରାମର ୨ ଅଭିଯୁକ୍ତ ଥିବା ବେଳେ ମୟୂରଭଞ୍ଜ ଜିଲା ମଠସାହି ଗ୍ରାମର ଜଣେ ଅଟକ ରହିଛି। ଅଭିଯୋଗ ମୁତାବକ, ଜାଡ଼ି ସାହୁ ନାମ୍ନୀ ମହିଳା ଜଣକ ଗ୍ରାମଠାରୁ ୧ କି.ମି. ଦୂର ତମ୍ପୁଆ କେନାଲ ନିକଟରେ ଏକ ସରକାରୀ ଜାଗାରେ ଘର କରି ପରିବାର ସହ ରହିଆସୁଛନ୍ତି। ସୋମବାର ବିଳମ୍ବିତ ରାତିରେ ବାହାରକୁ ଶୌଚ ହେବା ପାଇଁ ଆସିଥିବା ବେଳେ ପାଖରେ ଚିଙ୍ଗୁଡ଼ି ଘେରି କରିଥିବା ୩ ଅଭିଯୁକ୍ତ ତାଙ୍କ ହାତକୁ ବାନ୍ଧି ଦେହରେ ଡିଜେଲ ଢାଳି ଦେଇଥିଲେ। ଏହି ସମୟରେ ଏକ ବାଇକ୍‌ର ଲାଇଟ୍ ପଡ଼ିବାରୁ ସେମାନେ ମହିଳାଙ୍କୁ ଛାଡ଼ି ପଳାଇଥିଲେ। ଘଟଣାକୁ ନେଇ ମହିଳାଙ୍କ ସ୍ୱାମୀ କୃତିବାସ ସାହୁ ନାୟିକାଣୀ ଡ଼ିହି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମଙ୍ଗଳବାର ୨ ଅଭିଯୁକ୍ତଙ୍କୁ ଘଟଣାରସ୍ଥଳରୁ ଉଠାଇ ନେଇ ଅଟକ ରଖିଥିବା ବେଳେ ବୁଧବାର ଅନ୍ୟ ଜଣେ ଅଭିଯୁକ୍ତଙ୍କୁ କିସ୍ମତ କୃଷ୍ଣପୁରରୁ ଉଠାଇ ଆଣିଛି। ଏ ନେଇ ମାମଲା (ନଂ. ୬୫/୨୬) ରୁଜୁ କରି ଘଟଣାର ତଦନ୍ତ ଚାଲୁଥିବା ତଦନ୍ତକାରୀ ଅଧିକାରୀ ସୁରେନ୍ଦ୍ର ମଲ୍ଲ କହିଛନ୍ତି।

# କାର୍ଯ୍ୟକ୍ଷମ ହେଉନି ପ୍ରକଳ୍ପ, ମିଳୁନି ପାନୀୟ ଜଳ

ତିହିଡ଼ି, ୧୧।୩(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବଜାରରେ ପିଇବାକୁ ମିଳୁନି ଟୋପାଏ ପାଣି। ପାନୀୟ ଜଳ ଯୋଗାଣ ପାଇଁ ନିର୍ମିତ ସୌରଚାଳିତ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ପାରୁନାହିଁ। ପ୍ରକଳ୍ପ ପାର୍ଶ୍ୱରେ ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଶୌଚାଳୟ ମଧ୍ୟ ଅଧାପନ୍ତରିଆ ହୋଇ ରହିଛି। ଏନେଇ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ ମଧ୍ୟ ପ୍ରକଳ୍ପକୁ କାର୍ଯ୍ୟକ୍ଷମ ଏବଂ ଶୌଚାଳୟକୁ ସମ୍ପୂର୍ଣ୍ଣ କରିବା ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

ଏହି ସୌରଚାଳିତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଏବଂ ଶୌଚାଳୟ ନିର୍ମାଣ ପାଇଁ ୧୦ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା। ତଦନୁଯାୟୀ ନିର୍ମାଣ ସ୍ଥଳରେ ଜବରଦଖଲରେ ଥିବା କିଛି ଦୋକାନକୁ ମଧ୍ୟ ଉଚ୍ଛେଦ କରାଯାଇଥିଲା। ୨୦୨୧ ଜାନୁଆରୀ ୬ରେ ପ୍ରକଳ୍ପ ଓ ଶୌଚାଳୟ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ତତ୍କାଳୀନ ଏମ୍‌ପି ମଞ୍ଜୁଳତା ମଣ୍ଡଳ, ତତ୍କାଳୀନ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଧାମନଗର ବିଧାୟକ ବିଷ୍ଣୁ ଚରଣ ସେଠୀ, ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ବିଦ୍ୟୁତଲତା ନାୟକ ପ୍ରମୁଖ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ଠିକାଦାର ମାଧ୍ୟମରେ ଏହି ପ୍ରକଳ୍ପର କାର୍ଯ୍ୟ କରାଯାଇଥିଲା। ତେବେ ଇତିମଧ୍ୟରେ ୫ବର୍ଷ ବିତି ଯାଇଥିଲେ ମଧ୍ୟ ପ୍ରକଳ୍ପରୁ ଟୋପାଏ ପାଣି ମିଳି ପାରିନାହିଁ। ସେହିପରି ଶୌଚାଳୟ ମଧ୍ୟ ଅସମ୍ପୂର୍ଣ୍ଣ ହୋଇ ରହିଥିବାରୁ ଏହା କାର୍ଯ୍ୟରେ ଲାଗି ପାରୁନାହିଁ।

ବ୍ୟସ୍ତ ବହୁଳ ବଜାର ଭାବେ ପରିଚିତ ତିହିଡ଼ିରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ରହିଛି। ଏଥିପାଇଁ ବ୍ଲକର ବିଭିନ୍ନ ଅଞ୍ଚଳରୁ ଲୋକମାନେ ତିହିଡ଼ିକୁ ଆସିଥାନ୍ତି। ତିହିଡ଼ିରେ ସପ୍ତାହର ସୋମବାର ଓ ଶୁକ୍ରବାର ହାଟ ବସିଥାଏ। ପଡ଼ୋଶୀ ବାସୁଦେପୁର, ଧାମନଗର ଓ ଚାନ୍ଦବାଲି ବ୍ଲକର ଲୋକମାନେ ମଧ୍ୟ ତିହିଡ଼ି ଆସିଥାନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ତିହିଡ଼ି ବଜାରରେ ହୋଟେଲ, ଜଳଖିଆ ଦୋକାନ ସମେତ ୩ଶହରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକାର ଦୋକାନ ରହିଛି। ପ୍ରତିଦିନ ଏହି ଦୋକାନୀ ଏବଂ ତିହିଡ଼ି ଆସୁଥିବା ଲୋକମାନଙ୍କ ପାଇଁ ପାନୀୟ ଜଳର ଯଥେଷ୍ଟ ଆବଶ୍ୟକତା ରହିଛି। ବଜାରରେ ନଳକୂପ ଆଦୌ ନ ଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଅନ୍ୟ ସ୍ଥାନରେ ଥିବା ନଳକୂପ ଠିକ୍ ଭାବେ କାର୍ଯ୍ୟ କରୁନାହିଁ। ଏହି ପରିପ୍ରେକ୍ଷୀରେ ବଜାରରେ ଟୋପାଏ ପାନୀୟ ଜଳ ମିଳିବା କଷ୍ଟସାଧ୍ୟ ହୋଇଛି। ଆଗକୁ ପ୍ରଚଣ୍ଡ ରୌଦ୍ରତାପ ପାଇଁ ଲୋକେ ପାନୀୟ ଜଳ ଅଭାବରୁ ହନ୍ତସନ୍ତ ହେବା ନିଶ୍ଚିତ ହୋଇଛି। ନିକଟରେ ତିହିଡ଼ିକୁ ଏନ୍ଏସି ମାନ୍ୟତା ମିଳିଛି। ଏଥିପାଇଁ ମଧ୍ୟ କାର୍ଯ୍ୟ ଆରମ୍ଭ ହୋଇଗଲାଣି। ଏପରିସ୍ଥଳେ ବଜାରରେ ଟୋପାଏ ପାଣି ନ ମିଳିବା ଦୁର୍ଭାଗ୍ୟର ବିଷୟ ହୋଇଛି। ତୁରନ୍ତ ପାନୀୟ ଜଳ ପ୍ରକଳ୍ପ ଓ ଶୌଚାଳୟକୁ କାର୍ଯ୍ୟକ୍ଷମ କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ବିଡିଓ ନିରଞ୍ଜନ ବାରିକଙ୍କୁ ପଚାରିବାରୁ କେଉଁ କାରଣରୁ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଉନାହିଁ ତାର ଅନୁଧ୍ୟାନ କରାଯିବା ପରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

**ପ୍ରକଳ୍ପ ଓ ଶୌଚାଳୟ ପାଇଁ ବିନିଯୋଗ ହୋଇଛି ୧୦ଲକ୍ଷ**


କାର୍ଯ୍ୟକ୍ଷମ ହୋଇ ନ ଥିବା ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ।

# କେନାଲ ଅବରୋଧ ନ ହଟାଇ କାଡ଼ାନାଳ ନିର୍ମାଣ

ତିହିଡ଼ି, ୧୧।୩ (ସଞ୍ଜିତ ବଳ)

- ଚାଷୀ ଜଳସେଚନରୁ ବଞ୍ଚିତ ହେବା ଆଶଙ୍କା
- ଜିଲାପାଳଙ୍କ ନିକଟରେ ଅଭିଯୋଗ

ତିହିଡ଼ି ବ୍ଲକ ସୟା ପଞ୍ଚାୟତ ଅଧୀନ ବାଲିଚତୁରୀ ମୌଜାରେ ଏବେ କାଡାନାଳ ନିର୍ମାଣ କାର୍ଯ୍ୟ ଚାଲିଛି। ତେବେ ସେହି ମୌଜାରେ ଥିବା କେନାଲ ଓ ଶାଖା କେନାଲକୁ ଅବରୋଧ ମୁକ୍ତ କରା ନ ଯାଇ କାଡ଼ାନାଳ ନିର୍ମାଣ କରାଯିବା କେତେଦୂର ଯୁକ୍ତିସଙ୍ଗତ ସେନେଇ ମୌଜାର ଚାଷୀମାନେ ପ୍ରଶ୍ନ ଉଠାଇଛନ୍ତି। ସେମାନେ ସୋମବାର ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କୁ ଭେଟି ଏ ସମ୍ପର୍କରେ ଅଭିଯୋଗ କରି କେନାଲକୁ ଅବରୋଧ ମୁକ୍ତ କରିବା ଦିଗରେ ପଦକ୍ଷେପ ନେବାକୁ ଦାବି ଜଣାଇଛନ୍ତି।

ଚାଷୀମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ବାଲିଚତୁରୀ ମୌଜାର ଚାଷଜମିକୁ ଜଳସେଚିତ କରିବା ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ଏବେ କାଡ଼ାନାଳ ନିର୍ମାଣ କାର୍ଯ୍ୟ ଚାଲିଛି। ତେବେ ମୌଜାରେ ଥିବା କେନାଲ ଓ ଶାଖା କେନାଲକୁ କେତେକ ବ୍ୟକ୍ତି ଅବରୋଧ କରିଛନ୍ତି। କେନାଲରୁ କାଡାନାଳ ମାଧ୍ୟମରେ ଜଳ ଯୋଗାଣ ହୋଇ ଚାଷଜମି ଜଳସେଚିତ ହେବ। କେନାଲ ଅବରୋଧ ହୋଇଥିବା ସ୍ଥଳେ କାଡ଼ାନାଳରୁ ଚାଷୀମାନେ ଉପକାର ପାଇପାରିବେ ନାହିଁ। କିଛି ବର୍ଷ ପରେ କାଡାନାଳ ବି ନିଶ୍ଚିହ୍ନ ହୋଇଯିବ ଏବଂ ସରକାରଙ୍କ ଲକ୍ଷ୍ୟପୂରଣ ହୋଇପାରିବ ନାହିଁ। ଏପରିସ୍ଥଳେ ପ୍ରଥମେ କେନାଲକୁ ଅବରୋଧ ମୁକ୍ତ କରି ପରେ କାଡ଼ାନାଳ ନିର୍ମାଣ କରିବାକୁ ଉମାକାନ୍ତ ମଲିକ, ରାମଚନ୍ଦ୍ର ମଲିକ, ଝୁନିଲତା ମଲିକ, ମାନସ ମଲିକ, ବାସନ୍ତୀ ମଲିକ, ରବୀନ୍ଦ୍ର ଦାସ, ଜଗବନ୍ଧୁଦାସ, ସୁରେନ୍ଦ୍ରଦାସ, ଶକୁନ୍ତଳା ଦାସ ପ୍ରମୁଖ ଚାଷୀମାନେ ଦାବି ଜଣାଇଥିଲେ। ଜିଲାପାଳ ଦିଲୀପ ରାଉତରାଏ ପରିସ୍ଥିତି ଅନୁଧ୍ୟାନ କରି ତୁରନ୍ତ ପଦକ୍ଷେପ ନେବାକୁ ଅତିରିକ୍ତ ତହସିଲଦାର ନମିତା ଧଳଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

# ଗୁରୁ ଶତ୍ରୁଘ୍ନ ନାଥଙ୍କ ଶ୍ରାଦ୍ଧବାର୍ଷିକୀ


ଡ. ବାଇଧର ସାହୁଙ୍କୁ ସମ୍ମାନିତ କରାଯାଉଛି।

ଭଦ୍ରକ, ୧୧।୩ (ସନାତନ ରାଉତ)

ଉତ୍କଳରତ୍ନ ପ୍ରଫେସର ଶତୃଘ୍ନ ନାଥଙ୍କର ବିଂଶତମ ଶ୍ରାଦ୍ଧବାର୍ଷିକୀ ଜିଲା ସଂସ୍କୃତି ଭବନରେ ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ତ୍ୟାଗଭୂମି ସଭାପତି ଅଜୟ ନାୟକଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ, ଅନ୍ୟତମ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଶିକ୍ଷାବିତ ଶୈଳେନ୍ଦ୍ର ମହାପାତ୍ର, ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ଡ. ରାଧାରାଣୀ ମହାପାତ୍ର, ସ୍ତମ୍ଭକାର ଅଭୟ ଦ୍ୱିବେଦୀ ଯୋଗଦେଇ ସ୍ୱର୍ଗତ ନାଥ ଶୈକ୍ଷିକ, ସାରସ୍ୱତ ଓ ଆଧ୍ୟାତ୍ମିକ ଜୀବନରେ ନିଜର ପରାକାଷ୍ଠା ପ୍ରଦର୍ଶନ କରି ଏକଧାରରେ ଜଣେ କର୍ମଯୋଗୀ, ଜ୍ଞାନଯୋଗୀ ଓ ଭକ୍ତିଯୋଗୀ ବୋଲି ନିଜକୁ ପ୍ରତିପାଦିତ କରିଥିଲେ। ତାଙ୍କ ସ୍ମୃତି ଚିରକାଳ ସମସ୍ତଙ୍କୁ ଆଲୋକିତ କରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍ଏମ୍ ଫାରୁକ, ଡ଼ଃ ଗୋଲକ ବିହାରୀ ସାହୁ, ଅଧିବକ୍ତା ମନୋରଞ୍ଜନ ମହାନ୍ତି, ଅନାଦି ଦାସ, ଗୋବର୍ଦ୍ଧନ ସାମଲ, ଲଲାଟେନ୍ଦୁ ମହାନ୍ତି, ପ୍ରମୋଦ ନାୟକ, ଡ. ଶୈଳେନ୍ଦ୍ର ମହାନ୍ତି, କମଳାକାନ୍ତ ସ୍ୱାଇଁ, ଶାନ୍ତନୁ ରାଉତ ଓ ହୃଦାନନ୍ଦ ପାଣିଗ୍ରାହୀ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଡ଼ଃ ବ୍ରଜମୋହନ ମିଶ୍ର ଓ ଡଃ ବାଇଧର ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ସିଦ୍ଧେଶ୍ୱର ସାହୁ ମଞ୍ଚ ଆହ୍ୱାନ କରିଥିବା ବେଳେ ସମ୍ପାଦକ ସୁଧାକର ରାଉତ ପ୍ରାରମ୍ଭିକ ସୂଚନା ଓ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ପଦ୍ମନ ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ମଦନ ନାୟକ, ଆଇନଜୀବୀ ଗଦାଧର ବଳ, ଦିବ୍ୟସିଂହ ନାୟକ, ଇଂ. ଅମ୍ବିକା ବଲ୍ଲବ ସ୍ୱାଇଁ, ବାଦଲ ମହାପାତ୍ର, ଶଶିଭୂଷଣ ପାଢ଼ୀ, ମୁକ୍ତିକାନ୍ତ ମହାପାତ୍ର, ବାବୁଲାଲ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲାସ୍ତରରେ ଶିଶୁ ଶ୍ରମିକ ନିରାକରଣ କର୍ମଶାଳା

ଭଦ୍ରକ, ୧୧।୩ (ସନାତନ ରାଉତ)

ଭଦ୍ରକ ଜିଲା ଶିଶୁ ସୁରକ୍ଷା ୟୁନିଟ୍, ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ବୁଧବାର ଜିଲା ସଂସ୍କୃତି ଭବନରେ ଶିଶୁ ଶ୍ରମିକ ବିଲୋପ ଓ ଯଶୋଦା ଯୋଜନା ମାଧ୍ୟମରେ ଶିଶୁଙ୍କୁ ଦକ୍ଷତା ବିକାଶରେ ସାମିଲ ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ସୁବ୍ରତ ବିଶ୍ୱାଳ, ଅନ୍ୟତମ ଅତିଥି ଭାବେ ଜିଲା ସମାଜ ମଙ୍ଗଳ ଅଧିକାରିଣୀ ରୂପାଲି ମିତ୍ର, ଜିଲା ଶ୍ରମ ଅଧିକାରିଣୀ ପ୍ରେମ ମଞ୍ଜରୀ ନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ, ଜିଲା କର୍ମ ନିୟୋଜନ ଓ ଦକ୍ଷତା ଅଧିକାରିଣୀ ଅନିତା ନାୟକ, ବିଜ୍ଞାନ ପରିଦର୍ଶିକା ହିମାଦ୍ରିତନୟା ବିଶ୍ୱାଳ, ଶିଶୁ ମଙ୍ଗଳ କମିଟି ସଦସ୍ୟ ପ୍ରଦୀପ୍ତ କୁମାର କର, ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ପ୍ରମୁଖ ଯୋଗଦେଇ କିଶୋର ନ୍ୟାୟ ଆଇନ ବ୍ୟବସ୍ଥାରେ ଶିଶୁମାନଙ୍କୁ ଦକ୍ଷତା ବିକାଶ ସକାଶେ ଯଶୋଦା ଯୋଜନା ମାଧ୍ୟମରେ କିପରି ସାମିଲ କରାଯିବ ଓ ଜିଲାସ୍ତରରେ ଶିଶୁ ଶ୍ରମିକ ବିଲୋପ ପାଇଁ ସବୁସ୍ତରରୁ ପ୍ରଚେଷ୍ଟା ଆବଶ୍ୟକ ବୋଲି ମତ ରଖିଥିଲେ। ଶିଶୁ ଶ୍ରମିକ, ଭିକ୍ଷାବୃତ୍ତି କରୁଥିବା ଅବହେଳିତ ଶିଶୁଙ୍କୁ ଉଦ୍ଧାର କରିବା ସହ ଥଇଥାନ ପାଇଁ ବିଧିବଦ୍ଧ ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ଶିଶୁ ଶ୍ରମିକ ପ୍ରଥାକୁ ପ୍ରଶ୍ରୟ ଦେଉଥିବା ବ୍ୟକ୍ତି ଓ ପ୍ରତିଷ୍ଠାନ ଉପରେ କାର୍ଯ୍ୟାନୁଷ୍ଠାନ ହେବା ଦରକାର ବୋଲି ମତପ୍ରକାଶ ପାଇଥିଲା। ଶିଶୁ ସୁରକ୍ଷା ଆଇନ ପ୍ରୋବେଶନ ଅଧିକାରୀ ସୁବ୍ରତ ଦାସଙ୍କ ସଞ୍ଚାଳନରେ ବିଷୟ ବିଶାରଦ ରୂପେ କଲ୍ୟାଣ କିଶୋର ମହାନ୍ତି ଓ ବରିଷ୍ଠ ନାଗରିକ ପରିଷଦର ପରାମର୍ଶ ଅଧିକାରୀ ଲଲାଟେନ୍ଦୁ ମହାନ୍ତି ବିଭିନ୍ନ ଦିଗ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କର୍ମଶାଳାରେ ସମସ୍ତ ବ୍ଲକର ଶିଶୁ ବିକାଶ ଅଧିକାରିଣୀ, ମହିଳା ପରିଦର୍ଶିକା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ଶିଶୁ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ। ବିଶ୍ୱନାରାୟଣ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ରକ୍ତଦାନ ଶିବିର


ଶିବିରରେ ଉପସ୍ଥିତ ଅତିଥିମାନେ।

ଭଦ୍ରକ, ୧୧।୩ (ରବିନାରାୟଣ ଖିଲାର)

ରାଜ୍ୟର ସର୍ବପୁରାତନ ସାମ୍ବାଦିକ ସଂଘ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ବୁଧବାର ଭଦ୍ରକ ବ୍ଲଡବ୍ୟାଙ୍କ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ଭଦ୍ରକ ଜିଲା ଏସ୍‌ପି ମନୋଜ କୁମାର ରାଉତ, ମୁଖ୍ୟଅତିଥି ଭାବେ ରାଜ୍ୟ ସଭାପତି ରୋ. ବିଭୂତିଭୂଷଣ କର, ବରେଣ୍ୟ ଅତିଥି ଭାବେ ବୌଦ୍ଧ ଜିଲାର ପ୍ରାକ୍ତନ ଜିଲାପାଳ ମୋହନ ପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ଭାବେ ଜିଲା ଚିକିତ୍ସାଧିକାରୀ ପ୍ରମୋଦ ପ୍ରହରାଜ, ସମାଜିକ କର୍ମୀ ଅଶୋକ କୁମାର ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅପୂର୍ବ ରଞ୍ଜନ ବେହେରା, ଜିଲା ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ପ୍ରତିବର୍ଷ ରକ୍ତଦାନ ଭଳି ମହତ କାର୍ଯ୍ୟ କରିବା ସହିତ ବୃକ୍ଷରୋପଣ, ପବିତ୍ର ଜାଗର ଯାତ୍ରା ରେ ଭକ୍ତଙ୍କୁ ଦହି ସର୍ବତ ବଣ୍ଟନ ଭଳି ମହାନ କାର୍ଯ୍ୟ କରୁଛି ଯାହାକି ଜନସାଧାରଣ ଙ୍କର ପ୍ରିୟ ଭାଜନ ହୋଇପାରିଛି। ଏହି କାର୍ଯ୍ୟକ୍ରମରେ ଖବରଦାତା ସଂଜୀବ ନାୟକ, ରାମନାରାୟଣ ମହାନ୍ତି, ଅମର ନାୟକ, ସୁଜୟ ପାକଳ, ସନ୍ତୋଷ କୁମାର ସାହୁ, ମାନସ ପରିଡା, ରଞ୍ଜନ ମଲ୍ଲିକ, ଅଜୟ ମଲିକ, ରମେଶ ପାଗଳ, ପ୍ରଶାନ୍ତ ସାହୁ, ପ୍ରଦୀପ ବଳ, ଅକ୍ଷୟ ନାୟକ, ସେକ ଜାଫର ଅଲ୍ଲୀ, ମାନସ ପଣ୍ଡା, ଆଶିଷ କୁମାର ମହାନ୍ତି, ପ୍ରଦୀପ ମହାପାତ୍ର, ସୁଶାନ୍ତ ରାଉତ, କାହ୍ନୁ ଜେନା, ସୀତାକାନ୍ତ ବିଶ୍ୱାଳ, ପ୍ରଭାକର ବାରିକ, ମାନସ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ମୋଟ ୩୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

## ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ଟମାଣ୍ଡୋ ଏକାଦଶ

ଭଣ୍ଡାରିପୋଖରୀ, ୧୧।୩ (ରାଜେନ୍ଦ୍ର ଶତପଥି)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ୍ ବୟାଁବନାପୁର ପଞ୍ଚାୟତ ଚନ୍ଦ୍ରଭାନୁପୁର କ୍ରିକେଟ୍ ପଡ଼ିଆରେ ଚନ୍ଦ୍ରଶେଖର କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ହରମୋହନ ମହାପାତ୍ର ସ୍ମାରକୀ ଅଷ୍ଟମ ବାର୍ଷିକ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ମ୍ୟାଚ ଯାଜପୁର ୧୧ ଷ୍ଟାର ଓ ଭୁବନେଶ୍ୱର ଟମାଣ୍ଡୋ ଏକାଦଶ ମଧ୍ୟରେ ଖେଳା ଯାଇଥିଲା। ୧୧ ଷ୍ଟାର ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରି ଟମାଣ୍ଡୋ ଏକାଦଶ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୨୮୮ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରଘୁନାଥ ମଲ୍ଲ ଶତକୀୟ ୧୦୭ ରନ ଓ ଆକାଶ ମହାପାତ୍ର ୪୫ ରନ୍ କରିଥିଲେ। ଜବାବରେ ଯାଜପୁର ୧୧ ଷ୍ଟାର ୧୨ ଓଭରରେ ସମସ୍ତ ଉଇକେଟ୍ ହରାଇ ରନ ୭୮ ସଂଗ୍ରହ କରି ପେରାଜିତ ହୋଇଥିଲା। ଦଳ ପକ୍ଷରୁ ଚନ୍ଦନ ନାୟକ ୧୮ ରନ ବ୍ୟକ୍ତିଗତ ଭାବେ ସ୍କୋର କରିଥିଲେ। ପ୍ରତିପକ୍ଷ ବୋଲର ରଘୁନାଥ ମଲ୍ଲ ୪ ଉଇକେଟ ଅକ୍ତିଆର କରିଥିଲେ। ଅତିଥିଭାବେ ସାମାଜିକକର୍ମୀ ସଞ୍ଜୟ କୁମାର ମଲ୍ଲିକ ଯୋଗଦେଇ ମ୍ୟାନ ଅଫ୍ ଦି ମ୍ୟାଚ ରଘୁନାଥ ମଲ୍ଲଙ୍କୁ ପୁରସ୍କୃତ କରିଥିଲେ। ଦେବବ୍ରତ ଦାସ ଓ ଅଶୋକ କୁମାର ରାଉତ ଅମ୍ପାୟାର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ଶୋଭନ ଶଙ୍ଖୁଆ ସ୍କୋରର ଓ ପ୍ରତ୍ୟୁଷ ସାହୁ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ୟୁନିକ୍ ୧୧ ଭଦ୍ରକ ଓ କଟକ ରାଇଜିଂ ଷ୍ଟାର ଦଳ ମଧ୍ୟରେ ଗୁରୁବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।



ମ୍ୟାନ୍ ଅଫ ଦି ମ୍ୟାଚ୍‌ଙ୍କୁ ପୁରସ୍କୃତ କରାଯାଉଛି।

## ଏତଲାର ୩ଦିନ ପରେ ମାମଲା ରୁଜୁ

ବାଲେଶ୍ୱର, ୧୧।୩(ମୃତ୍ୟୁଞ୍ଜୟ ପଟ୍ଟନାୟକ)

ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରକୁ ଲାଗିଥିବା ମୃତ୍ତିକା ସଂରକ୍ଷଣ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ରବିବାର ରାତିରେ ଚୋରି ହୋଇଥିଲା। ଦୁର୍ବୃତ୍ତମାନେ ଷ୍ଟୋର ରୁମ୍ ତାଲା ଭାଙ୍ଗି ଏସି ଆଉଟ୍‌ଡୋର ୟୁନିଟ, କମ୍ପ୍ୟୁଟର ମନିଟର, ଷ୍ଟାବିଲାଇଜର, ଜିଆଇ ବକେଟ, ଆଲୁମିନିୟମ୍ ବକେଟ, ଆଲୁମିନିୟମ୍ ଟାବଲେଟ, ଗ୍ୟାସ ସିଲିଣ୍ଡର ଓ ବୈଦ୍ୟୁତିକ ଉପକରଣ ଆଦି ନେଇଯାଇଥିଲେ। ପରେ କିରାଣି ଚୋରି ସମ୍ପର୍କରେ ସହଦେବଖୁଣ୍ଟା ଥାନାରେ ଏତଲା ଦେଇଥିଲେ। ମାତ୍ର ସମ୍ପୃକ୍ତ ଥାନାର ଜଣେ ଅଧିକାରୀ ଘଟଣାସ୍ଥଳକୁ ଆସି ପ୍ରାଥମିକ ତଦନ୍ତ କରିଯାଇଥିଲେ ବି କୌଣସି ପଦକ୍ଷେପ ନେଇ ନ ଥିଲେ। ଚୋରି ହୋଇଯିବା ବାବଦରେ ପ୍ରକଳ୍ପ ନିର୍ଦ୍ଦେଶକ ଏତଲା ଦେବା ପରେ ପଞ୍ଜିକରଣ କରାଯିବ ବୋଲି ସହଦେବଖୁଣ୍ଟା ପୋଲିସ କହିବାରୁ ବୁଧବାର ପୁଣି ପ୍ରକଳ୍ପ ନିର୍ଦ୍ଦେଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟଙ୍କ ତରଫରୁ ଏତଲା ଦିଆଯାଇଛି। ତେବେ ସରକାରୀ କାର୍ଯ୍ୟାଳୟରେ ଚୋରି ହେବା ଅଭିଯୋଗକୁ ଗ୍ରହଣ କରିବାରେ ସହଦେବଖୁଣ୍ଟା ଥାନା ପୋଲିସ ୩ଦିନ ଗଡ଼ାଇ ଦେବା ନେଇ ପୋଲିସର କାର୍ଯ୍ୟକଳାପକୁ ସନ୍ଦେହ ପ୍ରକାଶ ପାଇଛି।

# ମହାବିଦ୍ୟାଳୟରେ ଭାଷା ଶାସ୍ତ୍ରୀୟ ଦିବସ ପାଳିତ

ନୀଳଗିରି, ୧୧।୩ (ପ୍ରଶାନ୍ତ ବିଶ୍ୱାଳ)

ଓଡ଼ିଆ ଭାଷା ଦୀର୍ଘ ୨୩୦୦ ବର୍ଷର ପୁରୁଣା ଭାଷା। ଶିଳାଲେଖ, ଅଭିଲେଖ, ତାଳପତ୍ର ପୋଥି ଓଡ଼ିଆ ଭାଷାର ପ୍ରମାଣ ବହନ କରେ ବୋଲି ବୁଧବାର ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଦ୍ୱାରା ଆୟୋଜିତ ଓଡ଼ିଆ ଶାସ୍ତ୍ରୀୟ ଭାଷାର ମାନ୍ୟତା ଦିବସ ଅବସରରେ ଅତିଥିଗଣ ମତପ୍ରକାଶ କରିଛନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷା ମଞ୍ଜୁଶ୍ରୀ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଗୃହବିଜ୍ଞାନର ବରିଷ୍ଠ ଅଧ୍ୟାପିକା ମମତା ବରାଳ, ଇଂଲିଶ ବିଭାଗର ଅଧ୍ୟାପିକା ମଣିମାଳା ବିଶ୍ୱାଳ, ଯୁକ୍ତ୨ ଓଡ଼ିଆ ବିଭାଗର ଅଧ୍ୟାପକ ସତ୍ୟରଞ୍ଜନ ମିଶ୍ର, ରାଜନୀତି ବିଭାଗର ଅଧ୍ୟାପିକା ମୌସୁମୀ ଭୋଳ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଓଡ଼ିଆ ବିଭାଗର ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର ଅତିଥି ପରିଚୟ ଓ ଉକ୍ତ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବିଭାଗର ଛାତ୍ରୀ ସୁଶ୍ରୀ ଭାର୍ଗବୀ ରାଉତ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଓଡ଼ିଆ ବିଭାଗର ସମସ୍ତ ଛାତ୍ରୀ ଯୋଗ ଦେଇଥିଲେ।


ନୀଳଗିରି- ବୁଧବାର- କାର୍ଯ୍ୟକ୍ରମରେ ଅତିଥିଗଣ।

# ଧରିତ୍ରୀ ପ୍ରଭାବ: ଭିନ୍ନକ୍ଷମଙ୍କ ଘରେ ବିଦ୍ୟୁତ୍ ସଂଯୋଗ ହେଲା

ଧୃଷ୍ଟୁରୀ, ୧୧।୩(ଦୀପ୍ତି ରଞ୍ଜନ ନାୟକ)

ଭଦ୍ରକ ଚିଲା ଚାନ୍ଦବାଲି ବ୍ଲକ୍ ଓଲଗ ଗ୍ରାମର ସୁରେଶ ସୁତାରଙ୍କ ଘରେ ୪ ଦିନ ପରେ ବୁଧବାର ମଧ୍ୟାହ୍ନ ୧୨ଟା ୧୦ରେ ବିଦ୍ୟୁତ ସଂଯୋଗ ହୋଇଛି। ଧରିତ୍ରୀରେ ଖବର ପ୍ରସାରଣ ପରେ ବିଦ୍ୟୁତ୍ ସଂଯୋଗ ହୋଇଥିବା ବେଳେ ସୁରେଶଙ୍କ ସମେତ ତାଙ୍କ ପରିବାର ଲୋକେ ଖୁସି ବ୍ୟକ୍ତ କରିବା ସହିତ ଧରିତ୍ରୀ ଖବରକାଗଜ ସହ ଭଦ୍ରକ ଜିଲାପାଳ ଓ ଜଣେ ବଦାନ୍ୟ ବ୍ୟକ୍ତିଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

ପ୍ରକାଶଯୋଗ୍ୟ, ଦୁର୍ଘଟଣାରେ ମେରୁଦଣ୍ଡ ଭାଙ୍ଗି ପଡ଼ିଥିବାରୁ ସୁରେଶ ବିଦ୍ୟୁତ ଚାଳିତ ଏୟାର ବେଡରେ ଶୋଉଥିଲେ। ଫଳରେ ତାଙ୍କର ବେଡ୍ ସୋର୍ ବାହାରିବାର ଭୟ ନ ଥିଲା। ଘରେ ୫ ଜଣ ପରିବାରଙ୍କ ବୋଝ ଭିନ୍ନକ୍ଷମ ସୁରେଶଙ୍କ ପତ୍ନୀ ରତ୍ନପ୍ରଭା ସୁତାରଙ୍କ ଉପରେ ପଡ଼ିଥିଲା। ମାଗିଯାଚି ପରିବାର ପ୍ରତିପୋଷଣ କରୁଥିବା ରତ୍ନପ୍ରଭା ନିଜ ପରିବାରର ମାସିକ ବିଦ୍ୟୁତ୍ ବିଲ ଠିକ ସମୟରେ ପୈଠ କରିପାରି ନ ଥିଲେ। ସ୍ମାର୍ଟ ମିଟର ଲାଗିଥିବାରୁ ତାଙ୍କ ଘରୁ ବିଦ୍ୟୁତ୍ ସଂଯୋଗକୁ ବିଚ୍ଛିନ୍ନ କରାଯାଇଥିଲା। ଫଳରେ ସୁରେଶ ଯନ୍ତ୍ରଣାରେ ଛଟପଟ ହେବା ସହ ତାଙ୍କ ଅଣ୍ଟା ପାଖରେ ବେଡ ସୋର୍ ବାହାରି ପଡ଼ିଥିଲା। ଏ ସମ୍ପର୍କୀୟ ବୁଧବାର ଧରିତ୍ରୀରେ ଖବର ପ୍ରକାଶିତ ହୋଇଥିଲା। ଜିଲାପାଳ ଦିଲୀପ ରାଉତରାଏ ଏହାକୁ ଗୁରୁତ୍ୱ ଦେଇ ଏହି ପରିବାରକୁ ଯଥାଶୀଘ୍ର ବଦ୍ୟୁତ୍ ସଂଯୋଗ କରିବାକୁ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିଛି ବକେୟା ରାଶୀ ପ୍ରଦାନ କରିବାକୁ ବିଭାଗ ପକ୍ଷରୁ ସୁରେଶ ପରିବାରକୁ କୁହାଯାଇଥିଲା। ଜିଲାପାଳ ରେଡ୍‌କ୍ରସରୁ କିଛି ଅର୍ଥରାଶୀ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଧୃଷ୍ଟୁରୀ ଅଞ୍ଚଳର ଜଣେ ବଦାନ୍ୟ ବ୍ୟକ୍ତି ଧରିତ୍ରୀ ଖବରକାଗଜ ପଢ଼ି ଧୃଷ୍ଟୁରୀ ପ୍ରତିନିଧିଙ୍କ ସହ ଯୋଗାଯୋଗ କରି ସୁରେଶଙ୍କ ବକେୟା ସମସ୍ତ ଅର୍ଥରାଶୀ ପୈଠ କରିଦେଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ତାଙ୍କ ପରିବାରକୁ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ସୂର୍ଯ୍ୟଘର ଯୋଜନାରେ ସାମିଲ କରି ମାସିକ ବିଦ୍ୟୁତ ଦେୟରୁ ମୁକ୍ତ କରିବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି। ଫଳରେ ସୁରେଶଙ୍କ ପରିବାର ଖୁସି ବ୍ୟକ୍ତ କରିଛନ୍ତି।


ବିଦ୍ୟୁତ୍ ସଂଯୋଗ ହେବାରୁ ସୁରେଶଙ୍କ ସ୍ତ୍ରୀ ଓ ଝିଅ ଖୁସି ବ୍ୟକ୍ତ କରୁଛନ୍ତି।

## ସଂକ୍ଷେପରେ

### ଉଦ୍ଧାର ବେଳେ ସାପ କାମୁଡ଼ାରେ ଯୁବକ ମୃତ

ଆନନ୍ଦପୁର,୧୧।୩(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଘସିପୁରା ଥାନା କଲରାଗଡ଼ିଆ ଗ୍ରାମରେ ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମାଛ ଜାଲରେ ପଡ଼ିଯାଇଥିବା ସାପକୁ ଉଦ୍ଧାର ସମୟରେ ଅଘଟଣ ଘଟିଥିଲା। ମୃତ ଯୁବକ ହେଲେ ସୁଜିତ ନାଏକ (୪୫)। ସୁଜିତ ମାଛ ଧରିବା ପାଇଁ ଗ୍ରାମ ନିକଟସ୍ଥ ବୈତରଣୀ ନଦୀରେ ଜାଲ ପକାଇଥିଲେ। ବୁଧବାର ସକାଳୁ ଜାଲ କାଢ଼ିବାକୁ ଯାଇଥିଲେ। ଜାଲରେ ଏକ ବିଷଧର ସାପ ଫସିରହିଥିଲା। ସାପଟିକୁ ଉଦ୍ଧାର କରିବାକୁ ଚେଷ୍ଟା କରୁଥିବା ସମୟରେ ସାପ ଚୋଟ ମାରିଥିଲା। ଖବର ପାଇ ପରିବାର ଲୋକେ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ କଟକ ସ୍ଥାନାନ୍ତର କରିଥିଲେ। କଟକ ଯିବା ବାଟରେ ତଥା ଚଣ୍ଡିଖୋଲ ନିକଟରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ସୂଚନା ଦେଇଛନ୍ତି। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରୁଛି।

### ଘରେ ପଶି ସୁନା ଅଳଙ୍କାର ଚୋରି

ଯୋଡ଼ା,୧୧।୩(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ ମୁସ୍‌ଲିମ ବସ୍ତିରେ ଦିନ ଦ୍ୱିପ୍ରହରରେ ଘରେ ପଶି ଚୋରି ହୋଇଛି। ଦୁର୍ବୃତ୍ତ ଘରେ ପଶି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ନେଇଯାଇଛନ୍ତି। ଏ ନେଇ ଘର ମାଲିକ ଅବଦୁଲ ତାଲିବ ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ମୁସଲିମ ବସ୍ତିର ଅବଦୁଲ ତାଲିବଙ୍କ ମା'ଙ୍କ ଦେହ ଖରାପ ଥିବାରୁ ତାଙ୍କୁ ଯୋଡ଼ା ଟାଟା ଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ତାଙ୍କୁ ଦେଖିବା ପାଇଁ ସ୍ତ୍ରୀ ତରନୁମଙ୍କ ସହିତ ସେ ଦୈନିକ ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ଡାକ୍ତରଖାନାରେ ରହିଆନ୍ତି। ଏହାର ସୁଯୋଗ ନେଇ ଦୁର୍ବୃତ୍ତ ଘରେ ପଶି ଲୁହାବାକ୍ସ ଭାଙ୍ଗି ସେଥିରେ ଥିବା ପ୍ରାୟ ଏକ ଲକ୍ଷ ଟଙ୍କା ମୂଲ୍ୟର ସୁନା କାନଫୁଲକୁ ନେଇଯାଇଛନ୍ତି। ଏ ନେଇ ବୁଧବାର ଅପରାହ୍ନରେ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

### ବରିଷ୍ଠ ନାଗରିକଙ୍କ ପୁରୀ ଯାତ୍ରା

କେନ୍ଦୁଝର,୧୧।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରୁ ୨୨୨ ବରିଷ୍ଠ ନାଗରିକ ରାଜ୍ୟ ସରକାରଙ୍କ 'ଶ୍ରୀ ଜଗନ୍ନାଥ ଦର୍ଶନ' ଯୋଜନାରେ ବୁଧବାର ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି। ଜିଲା ସଦର ମହକୁମାସ୍ଥିତ ଟାଉନ ହଲଠାରୁ ଓଏସ୍‌ଆରଟିସିର ୫ ଗୋଟି ବସ୍ ଯୋଗେ ଯାତ୍ରା କରିଥିବା ବେଳେ ସ୍ଥାନୀୟ ଜନ ପ୍ରତିନିଧି, ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ସୁରକ୍ଷିତ ଓ ନିରାପଦ ଯାତ୍ରା ପାଇଁ ଜିଲାରୁ ସହାୟକ ଅଧିକାରୀ ମଧ୍ୟ ଗସ୍ତ କରିଛନ୍ତି। ଯାତ୍ରା ପୂର୍ବରୁ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ସମସ୍ତ ବରିଷ୍ଠଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଳିକ ସବୁଜ ପତାକା ପ୍ରଦର୍ଶନ କରି ଶୁଭାରମ୍ଭ କରିଥିଲେ। ସହକାରୀ ନିର୍ଦ୍ଦେଶକ ପର୍ଯ୍ୟଟନ ରମେଶ ଚନ୍ଦ୍ର ନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଭୁବନେଶରୀ ମହାନ୍ତ, ଜିଲା ପରିବହନ ପରିଚାଳକ ଗୌରବ ଜେନା, ଜିଲା ପର୍ଯ୍ୟଟନ ବିକାଶ ଅଧିକାରୀ ମିନତୀ ମାଝୀ ପରିଚାଳନା କରିଥିଲେ।

# ରାସ୍ତା ଖୋଳିଲେ ଠିକାଦାର, ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ

## ନୀରବଦ୍ରଷ୍ଟା ସାଜିଛି ପୌରପାଳିକା

ଯୋଡ଼ା,୧୧।୩(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକାର ମୁଖ୍ୟ ରାସ୍ତା ଦେଇ କେବୁଲଲାଇନ ପାଇଁ ଖୋଳାଯିବା ପରେ ଗର୍ତ୍ତସ୍ଥାନକୁ ସମତୁଲ କରାଯାଇନାହିଁ। ମାଟି ଗଦା ଛାଡ଼ି ସମ୍ପୃକ୍ତ ଠିକାଦାର ଚାଲିଯାଇଥିବା ବେଳେ ବିପର୍ଯ୍ୟସ୍ତ ରାସ୍ତାରେ ଲୋକେ ହନ୍ତସନ୍ତ ହେଉଛନ୍ତି। ଏ ନେଇ ଅଭିଯୋଗ ପରେ ବି ପୌରପାଳିକା ନୀରବଦ୍ରଷ୍ଟା ସାଜିଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି।

ଅଭିଯୋଗ ମୁତାବକ, ଯୋଡ଼ା ବସ୍‌ଷ୍ଟାଣ୍ଡ, ଫରେଷ୍ଟ ଅଫିସ ସମ୍ମୁଖ, ଆଇସିଆଇସିଆଇ ବ୍ୟାଙ୍କ ସମ୍ମୁଖ, ରାଧାକୃଷ୍ଣ ମନ୍ଦିର ସମ୍ମୁଖ ପ୍ରଭୃତି ସ୍ଥାନରେ କେବୁଲଲାଇନ ପାଇଁ ଖୋଳାଯାଇଥିଲା। ନିୟମ ଅନୁଯାୟୀ ସମୁତଳକରି ରାସ୍ତା ମରାମତି ନ କରି ବିପଦପୂର୍ଣ୍ଣ ଅବସ୍ଥାରେ




ରାସ୍ତା ମଝିକୁ ମାଟି ଗଦା ହୋଇ ରହିଛି।

କଣ୍ଟ୍ରାକ୍ଟର ମାଟି ଗଦାକରି ପଳାଇଥିଲେ। ଆଇସିଆଇସିଆଇ ବ୍ୟାଙ୍କ ନିକଟରେ ମାଟିଗଦା ପଡ଼ିଥିବାରୁ ରାସ୍ତା ସଙ୍କୀର୍ଣ୍ଣ ହୋଇପଡ଼ିଛି। ଯାତ୍ରୀବାହୀ ବସ୍ ଚାଳକ ଜୟରାମ ଗୋପ, ସୁଶାନ୍ତ ମହାପାତ୍ର, ଗଙ୍ଗାଧର ପୃଷ୍ଟି ପ୍ରମୁଖ କହିଛନ୍ତି, ଯୋଡ଼ା ଭିତରକୁ ପ୍ରବେଶ ସମୟରେ ମାଟିଗଦା ବାମ ପାର୍ଶ୍ୱରେ ପଡ଼ିଥିବାରୁ ସଡ଼କଟି ସଙ୍କୀର୍ଣ୍ଣ ହୋଇଯାଇଛି। ଫଳରେ ରାସ୍ତା ଡିଭାଇଡରରେ ବସ୍ ବାଜିଯାଉଛି। ସେହିପରି କ୍ଷୀର ନେଇ ଆସୁଥିବା ଗାଡ଼ିଗୁଡ଼ିକ ମଧ୍ୟ ଟ୍ରାଫିକ୍ ଅବରୋଧର ସମ୍ମୁଖୀନ ହେଉଛନ୍ତି। ଦୁଇଚକିଆ ଗାଡ଼ି ମାଟି ଗଦା ଉପରେ ଚଢ଼ିଯିବାରୁ ଦୁର୍ଘଟଣାର ସମ୍ମୁଖୀନ ହେବା ନଜିର ରହିଛି। ଏପରିକି ପଥଚାରୀ ଏହାଦ୍ୱାରା ହନ୍ତସନ୍ତ ହେଉଛନ୍ତି। ଏ ନେଇ ଯୋଡ଼ା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର କହିଛନ୍ତି, ଦୀର୍ଘଦିନ ହେଲା ରାସ୍ତାରେ ମାଟି ଖୋଳି ପଳାଇଥିବା ସଂସ୍ଥା ପ୍ରତି ପୌରପାଳିକାର ଉଦାସୀନତା ବୁଝା ପଡୁନାହିଁ। ଏହି ମାଟି ଡ୍ରେନ୍ ଭିତରେ ପଶି ଗତ ୩ ତାରିଖ ଜଳ ନିଷ୍କାସନ ନ ହେବାରୁ କୃତ୍ରିମ ବନ୍ୟା ସୃଷ୍ଟି ହୋଇଥିଲା। ଯୋଡ଼ା ପୌରପାଳିକାରେ ଅଭିଯୋଗ ପରେ ମାଟି ସଫା କରାଯାଇ ଜଳ ନିଷ୍କାସନ କରାଯାଇଥିଲା। ମାତ୍ର ଏହାର ସ୍ଥାୟୀ ପ୍ରତିକାର ଏ ପର୍ଯ୍ୟନ୍ତ ହୋଇ ନ ଥିବା କହିଛନ୍ତି। ଅପରପକ୍ଷରେ ସେଠାରେ ବାରମ୍ବାର ଦୁର୍ଘଟଣା ହେଉଥିବା ଏବଂ ବସ୍ ଯାଇପାରୁ ନ ଥିବା କହିଛନ୍ତି। ଯୋଡ଼ା ନଗରର ଏମ୍ପିକ୍ ପ୍ରତିନିଧି ବି.ଏନ୍. ଦାସ କହିଛନ୍ତି, ଏ ନେଇ ପୌରପାଳିକାକୁ ସେ ଅବଗତ କରାଇଛନ୍ତି। ସମ୍ପୃକ୍ତ ଠିକାଦାରଙ୍କୁ ଏହାର ସମାଧାନ କରିବା ପାଇଁ କହିଛନ୍ତି। ପୌରଯନ୍ତ୍ରୀ ମନୋଜ ବେହେରା, ପୌର ନିରୀକ୍ଷକ ମୋହନ ଚରଣ ବାରିକ କହିଛନ୍ତି, ଅଭିଯୋଗ ପାଇବା ପରେ ସମ୍ପୃକ୍ତ ଠିକାଦାରଙ୍କୁ ବୁଧବାର ଅପରାହ୍ନରେ ଡକାଯାଇଥିଲା, ୨ ଦିନ ମଧ୍ୟରେ ଏହାର ସମାଧାନ କରାଯିବ।

# ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବାଣ ପୋତାଗଲା



ଜବତ ବାଣକୁ ପୋତାଯାଉଛି।

## ବେଆଇନ ଡିଷ୍ଟୋରଜ ରଖିବା ଅଭିଯୋଗରେ ଜଣେ ଗିରଫ

କେନ୍ଦୁଝର,୧୧।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଟାଉନ ଥାନା ପୋଲିସ ଚଢ଼ାଉ କରି ଗୋବିନ୍ଦପୁର ଗ୍ରାମରୁ ଜଣେ ବ୍ୟକ୍ତିଙ୍କ ଘରୁ ଜବତ କରିଥିବା ବାଣକୁ ମଙ୍ଗଳବାର ପୋତି ଦେଇଛି। ଜବତ ବାଣର ମୂଲ୍ୟ ପ୍ରାୟ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ପୋଲିସ କହିଛି। ଅସାଧୁ ଉପାୟରେ ବାଣ ଗଚ୍ଛିତ କରି ରଖିବା ଅଭିଯୋଗରେ ବାଣ ବ୍ୟବସାୟୀ ପ୍ରତାପ ପଟ୍ଟନାୟକଙ୍କୁ ପୋଲିସ ଗିରଫ କରିଛି।

ପ୍ରକାଶ ଯେ, ଟାଉନ ଥାନା ପୋଲିସ ବେଆଇନ ବାଣ ଗଚ୍ଛିତ ରଖିଥିବା ସୂଚନା ପାଇ ଗୋବିନ୍ଦପୁର ଚଢ଼ାଉ କରିଥିଲା। ଅସୁରକ୍ଷିତ ଅବସ୍ଥାରେ ଥିବା ବାଣଗୁଡ଼ିକୁ ଜବତ କରିବା ସହ ବ୍ୟବସାୟୀଙ୍କୁ ଗିରଫ କରିଥିଲା। ଟାଉନ ଥାନାରେ ଏକ ମାମଲା (ନଂ. ୨୨୯/୨୦୨୬)ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ମଙ୍ଗଳବାର ସମସ୍ତ ଜବତ ବାଣକୁ ଅଗ୍ନିଶମ ବାହିନୀ ସହାୟତାରେ ଡାଙ୍ଗରପଡ଼ା ନିକଟରେ ଏକ ଖୋଲା ସ୍ଥାନରେ ଗାତଖୋଳି ପୋତି ଦିଆଯାଇଥିବା ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି। ଆଗାମୀ ଦିନରେ ଏହିପରି ଅସାଧୁ ବ୍ୟବସାୟୀଙ୍କ ଉପରେ ଚଢ଼ାଉ ଜାରି ରହିବ ବୋଲି ଥାନା ଅଧିକାରୀ ସାହୁ କହିଛନ୍ତି।

# ପେସାରେ ପୋଲିସ, ନିଶା ଚିତ୍ର ଆଙ୍କିବା

ଆନନ୍ଦପୁର,୧୧।୩(ସୁଶାନ୍ତ କୁମାର ସାହୁ)

ପେସାରେ ପୋଲିସ, ନିଶା କିନ୍ତୁ ଚିତ୍ର ଆଙ୍କିବା। ଦେହରେ ଖାକି ପୋଷାକ ଥିଲେ ବି ମନତଳେ ଜଣେ ନିରଳସ ଚିତ୍ରଶିଳ୍ପୀ ଲୁଚି ରହିଛି। ଚାକିରି ସମୟରୁ ଟିକିଏ ବିରତି ମିଳିଲେ ରଙ୍ଗତୂଳୀ ଧରି ଚିତ୍ର ଆଙ୍କିବାରେ ନିମଗ୍ନ ହୋଇଯାଆନ୍ତି। ସେ ହେଲେ କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ହାଟଡ଼ିହୀ ବ୍ଲକ୍ ହାଟଡ଼ିହୀ ଗ୍ରାମର ବଟକୃଷ୍ଣ ପୃଷ୍ଟିଙ୍କ ପୁତ୍ର ଧ୍ରୁବଜ୍ୟୋତି ପୃଷ୍ଟି (୪୨)। ନିଜ ରଙ୍ଗତୂଳୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ଆରମ୍ଭକରି ବିଭିନ୍ନ ସୁନ୍ଦର ଚିତ୍ରକୃତି ଆଙ୍କି ବେଶ୍ ପ୍ରଶଂସା ସାଉଣ୍ଟିଛନ୍ତି।

ପ୍ରକାଶ ଯେ, ଧ୍ରୁବଜ୍ୟୋତି ବର୍ତ୍ତମାନ ରିଜର୍ଭ ପୋଲିସରେ କାର୍ଯ୍ୟ କରୁଛନ୍ତି। କେନ୍ଦୁଝରର ଚିତ୍ରଶିଳ୍ପୀ ଗୁରୁଭୁବନ ମୋହନ ତ୍ରିପାଠୀ ଓ ବିଜୟ ବିଶ୍ୱାଳଙ୍କ ପ୍ରେରଣା ପାଇ ସେ ନିଜର ଚିତ୍ରସାଧନାକୁ ଆଗେଇ ନେଇପାରିଛନ୍ତି। ନିଜର ସୃଜନ ଚେତନାକୁ ଆଧାରକରି ଫୁରସତ ପାଇଲେ ଚିତ୍ର ଆଙ୍କି ହସୁଛନ୍ତି। ତାଙ୍କ ତୂଳୀର ଯାଦୁକରୀ ସ୍ପର୍ଶ ପାଇ ଛବିଟି ଜୀବନ୍ତ ହୋଇଉଠୁଛି। ସେ କେନ୍ଦୁଝରର ପୂର୍ବତନ ଏସ୍‌ପି ରାଜେଶ ପଣ୍ଡିତ, ଜୟନାରାୟଣ ପଙ୍କଜଙ୍କ ପୋଟ୍ରେଟ୍ ଆଙ୍କି ଖୁବ୍ ପ୍ରଶଂସା ସାଉଣ୍ଟିଥିଲେ। ପିଲାଟି ବେଳୁ ଚିତ୍ରକଳା ପ୍ରତି ଆଗ୍ରହ ଥିଲା।

## ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭକରି ବିଭିନ୍ନ ସୁନ୍ଦର ଚିତ୍ରକୃତି ଆଙ୍କିଛନ୍ତି



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଘଟଗାଁଗସ୍ତକୁ ନେଇ ଧ୍ରୁବଜ୍ୟୋତି ଆଙ୍କିଥିବା ଏକ ଚିତ୍ର।

ଭଦ୍ରକ ଚାରୁକଳା ମହାବିଦ୍ୟାଳୟରେ ପଢ଼ିବା ପାଇଁ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ମଧ୍ୟ ହୋଇଥିଲେ। ମାତ୍ର ୨୦୦୮ ନଭେମ୍ବର ୧୭ରେ ରିଜର୍ଭ ପୋଲିସରେ ଭର୍ତ୍ତି ହୋଇଥିଲେ। କିନ୍ତୁ ଚାକିରି କରିବା ଭିତରେ ହିଁ କେଉଁଠି ନା କେଉଁଠି କଳା ପ୍ରତି ଦୁର୍ବଳତା ତାଙ୍କୁ ବିଭିନ୍ନ ଚିତ୍ରକଳା ଶିବିରକୁ ଟାଣିନେଇଥିଲା। ସେ ପୁଣିଥରେ ରଙ୍ଗ ଧରିବା ଆରମ୍ଭ କରିଥିଲେ। ଆଜି ପର୍ଯ୍ୟନ୍ତ ସେ ୪୦୦ରୁ ଊର୍ଦ୍ଧ୍ୱ ସୁନ୍ଦର ଚିତ୍ରକରି ବହୁ ପ୍ରଶଂସା ଲାଭ କରିଛନ୍ତି। ଏ ସମ୍ପର୍କରେ ଧ୍ରୁବଜ୍ୟୋତି କୁହନ୍ତି, ପୋଲିସ ଅନ୍ୟମାନଙ୍କ ଭଳି ହିଁ ଜଣେ ମଣିଷ। ଆଗକୁ ଏକକ ଚିତ୍ର ପ୍ରଦର୍ଶନୀର ଯୋଜନା ରଖିଛି। ସମୟ ସୁଯୋଗ ମିଳିଲେ ତାହା ସାକାର କରିବି। ଘରେ ସ୍ତ୍ରୀ, ୨ ଝିଅ ଓ ଅନ୍ୟ ପରିବାର ସଦସ୍ୟ ଅଛନ୍ତି। ତାଙ୍କ ଚିତ୍ରସାଧନାରେ ସମସ୍ତେ ସହଯୋଗ କରୁଛନ୍ତି। ପୋଲିସ ବିଭାଗ ପକ୍ଷରୁ ସହଯୋଗ ଓ ପ୍ରୋତ୍ସାହନ ମିଳୁଛି। ଆଗକୁ ଏପରି ଚିତ୍ର ଆଙ୍କିବା ଜାରି ରହିବ ବୋଲି ପୃଷ୍ଟି କହିଛନ୍ତି।

### ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ ସହାୟତା

ଯୋଡ଼ା,୧୧।୩(ମାନସ ମହାନ୍ତି)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅଧୀନସ୍ଥ ଯୋଡ଼ା ସେକ୍ସନ ପକ୍ଷରୁ ଜଜାଙ୍ଗଠାରେ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଥିବା ମୃତକଙ୍କ ପରିବାର ଲୋକଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛି। ଏ ନେଇ ଯୋଡ଼ା ବନପାଳ ତ୍ରିନାଥ ଜେନା ସୂଚନା ଦେଇଛନ୍ତି। ଗତ ୮ ତାରିଖରେ ଜଜାଙ୍ଗ ପାଟେରି ସାହିର ନିମାନ୍ତି ମାଝୀଙ୍କୁ ଗୋଠଛଡ଼ା ଦନ୍ତା ଆକ୍ରମଣ କରିଥିଲା। ଘଟଣାରେ ନିମାନ୍ତିଙ୍କ ମୃତ୍ୟୁ ଘଟିଥିଲା। ତେବେ ତାଙ୍କ ସ୍ୱାମୀ କାନ୍ଦନ ମାଝୀଙ୍କୁ ବୁଧବାର ଦିନ ଯୋଡ଼ା ବନପାଳ ତ୍ରିନାଥ ଜେନା, ବନରକ୍ଷୀ ସୁରଜ ଦାସ, ଜଜାଙ୍ଗ ସରପଞ୍ଚ ପ୍ରିୟଙ୍କା ମାଝୀ, ସ୍ଥାନୀୟ ୱାର୍ଡ ମେମ୍ବର ଏବଂ ଗ୍ରାମବାସୀଙ୍କ ଉପସ୍ଥିତିରେ ଶୁଦ୍ଧି କାର୍ଯ୍ୟ ନିମନ୍ତେ ଅଗ୍ରୀମ ଏକ ଲକ୍ଷ ଟଙ୍କା ସହାୟତା ରାଶି ସହିତ ଶସ୍ୟ ବାକ୍ସ, ଟର୍ଚ୍ଚ ଲାଇଟ୍ ପ୍ରଦାନ କରାଯାଇଛି। ବନପାଳ ଜେନା କହିଛନ୍ତି, ହାତୀ ଆକ୍ରମଣରେ ମୃତ୍ୟୁ ଘଟିଥିବା ମୃତକଙ୍କ ପରିବାର ଲୋକଙ୍କୁ ବିଭାଗ ପକ୍ଷରୁ ପ୍ରାୟ ୧୦ ଲକ୍ଷ ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥାଏ। ମୃତକଙ୍କ ପରିବାରକୁ ଅବଶିଷ୍ଟ ରାଶି ଖୁବ୍‌ଶୀଘ୍ର ପ୍ରଦାନ କରାଯିବ।

### ବିଭିନ୍ନ ଦାବିରେ ଆୟୁଷ୍ ସହାୟକ କର୍ମଚାରୀ ସଂଘର ଧାରଣା ଚେତାବନୀ

ବଡ଼ଲା, ୧୧।୩(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲାର ବିଭିନ୍ନ ବ୍ଲକ୍‌ର ମେଡିକାଲରେ ନିଯୁକ୍ତ ଆୟୁଷ ସହାୟକ ବିଭିନ୍ନ ଦାବି ପୂରଣ ହେଉ ନ ଥିବାରୁ ଧାରଣା ଚେତାବନୀ ଦେଇଛନ୍ତି। ଏ ନେଇ ଆୟୁଷ୍ ନିର୍ଦ୍ଦେଶାଳୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓଡ଼ିଶା ଏବଂ କେନ୍ଦୁଝର ଜିଲା ମୁଖ୍ୟ ଆୟୁର୍ବେଦି ଚିକିତ୍ସା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ ପ୍ରଦାନ କରାଯାଇଛି। ଆୟୁଷ୍ ଆସିଷ୍ଟାଣ୍ଟଙ୍କ ବିଭିନ୍ନ ଦାବି ବିଭିନ୍ନ ସମୟରେ ଜଣାଇ ଆସୁଥିଲେ ବି ଆୟୁଷ୍ ସହାୟକଙ୍କ କୌଣସି ଦାବିପୂରଣ ନ ହେବା ସହିତ ବୈମାତୃକ ମନୋଭାବର ଶିକାର ହେଉଥିବା କହିଛନ୍ତି। ଅଭିଯୋଗ ମୁତାବକ, ଦୀର୍ଘ ବର୍ଷ ଧରି ଶୃଙ୍ଖଳାର ସହିତ କାର୍ଯ୍ୟ ତୁଲାଇ ଆସୁଥିଲେ ବି ସ୍ଥାୟୀ ବୈଷୟିକ ତୃତୀୟ ଶ୍ରେଣୀ ପଦବୀ ମିଳିପାରୁନାହିଁ କି ନିଜର ପରିଚୟରୁ ବଞ୍ଚିତ ରହିଛନ୍ତି। ପଦବୀର ନାମ ପରିବର୍ତ୍ତନ ହେଉ ନ ଥିବା ସହିତ ଏହା ଏକ ଚତୁର୍ଥ ଶ୍ରେଣୀ କର୍ମଚାରୀର ବେତନ ସହ ସମାନ। ୪୫ ବର୍ଷ ମଧ୍ୟରେ ୪ ଟି ବେତନ ଆୟୋଗ ଲାଗୁ ହୋଇଥିଲେ ମଧ୍ୟ ଆୟୁଷ୍ ସହାୟକଙ୍କର ମୁଳ ବେତନ ସ୍ତର ଲେଭେଲ୍ ୩ (୧୮୦୦-ଗ୍ରେଡ୍ ପେ ) ର ପରିବର୍ତ୍ତନ ହୋଇନାହିଁ। ତେଣୁ ୧୮୦୦-ଗ୍ରେଡ୍ ପେକୁ ୨୮୦୦ ପରିବର୍ତ୍ତନ କରିବାକୁ ଦାବି ହୋଇଛି। ଏଥିସହ ନୂତନ ପଦବୀ ସୃଷ୍ଟି, ପଦୋନ୍ନତୀ ପାଇଁ ବୟସ ସୀମା ୮ ବର୍ଷରୁ ୫ ବର୍ଷକୁ ଧାର୍ଯ୍ୟ, ସମସ୍ତ ଆୟୁଷ ସହାୟକଙ୍କୁ ଚାକିରି କାଳ ମଧ୍ୟରେ ପ୍ରମାଣପତ୍ର ସଂଲଗ୍ନ ପ୍ରଶିକ୍ଷଣ ପ୍ରଦାନ ତଥା ସୀକୃତି ପ୍ରାପ୍ତ ଲାଇସେନ୍ସ ଦିଆଯାଉ ବୋଲି କେନ୍ଦୁଝର ଆୟୁର୍ବେଦି ଆୟୁଷ ସହାୟକ ସଂଘର ଆୟୁଷ ସହାୟକ ଧନେଶ୍ୱର ରାଉତ, ପ୍ରିୟତମା ପାତ୍ର, କଳାକାର ସାହୁ, ସୁଧାକାର ସାହୁ, ଶରତ ମହାରଣା ପ୍ରମୁଖ ସହାୟକ ଲିଖିତ ଭାବେ ଦାବି କରିଛନ୍ତି।

# ତାଲାଭାଙ୍ଗି ୨.୬୦ଲକ୍ଷ ନେଇଗଲେ

## ବାଦାମ ବ୍ୟବସାୟୀଙ୍କ ଘରୁ ଲୁଟ

କେନ୍ଦୁଝର,୧୧।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର କମାରଗୋଡ଼ାରେ ଭଡ଼ା ଘରେ ରହୁଥିବା ଜଣେ ବାଦାମ ବ୍ୟବସାୟୀଙ୍କୁ ଘରୁ ମଙ୍ଗଳବାର ଲୁଟ୍ ହୋଇଛି। ଦୁର୍ବୃତ୍ତ ଘରର ତାଲା ଭାଙ୍ଗି ଘରେ ଥିବା ୨ ଲକ୍ଷ ୬୦ ହଜାର ଟଙ୍କା ନଗଦ ଟଙ୍କା ନେଇଯାଇଛନ୍ତି। ଏ ନେଇ ବାଦାମ ବ୍ୟବସାୟୀ ଅଭୟ ପୃଷ୍ଟି ବୁଧବାର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ଅଭୟ ସବୁଦିନ ପରି ମଙ୍ଗଳବାର ବଜାରକୁ ବାଦାମ ବ୍ୟବସାୟ କରିବାକୁ ଯାଇଥିଲେ। ପୂର୍ବାହ୍ନ ୧୦ଟାରେ ଘରେ କେହି ନ ଥିବା ବେଳେ ଘର ମୁଖ୍ୟ ଫାଟକ ତାଲା ଭାଙ୍ଗି ଦୁର୍ବୃତ୍ତ ଘରେ ପଶିଥିଲେ। ଆଲମିରା ତାଡ଼ି ୨ ଲକ୍ଷ ୬୦ ହଜାର ଟଙ୍କା ନେଇ ଚମ୍ପଟ ମାରିଥିଲେ। ସେ ଭଡ଼ା ଘରେ ୧୪ବର୍ଷ ହେବ ରହୁଛନ୍ତି। ତାଙ୍କ ପାଖ ଭଡ଼ାଘରେ ରହୁଥିବା ଜଣେ ବ୍ୟକ୍ତି ଏହି ଚୋରି ଘଣାଟରେ ସମ୍ପୃକ୍ତ ଥିବା ଅଭୟ ଅଭିଯୋଗରେ ଦର୍ଶାଇଛନ୍ତି। ଏବେ ଉକ୍ତ ବ୍ୟକ୍ତି ଫୋନ ରିସିଭ କରୁ ନ ଥିବାରୁ ସନ୍ଦେହ ବଢ଼ିବାରେ ଲାଗିଛି ବୋଲି କହିଛନ୍ତି। ପୋଲିସ ଅଭିଯୋଗ ଆଧାରରେ ଘଟଣାର ତଦନ୍ତ କରୁଥିବା କହିଛି।

### ଟିକରପଡ଼ା-ରଥମରା ରାସ୍ତା ନିର୍ମାଣ ଆରମ୍ଭ

କେନ୍ଦୁଝର,୧୧।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବ୍ଲକ୍ ଅର୍ନ୍ତଗତ ମହାଦେଇଯୋଡ଼ା ପଞ୍ଚାୟତର ଟିକରପଡ଼ାଠାରୁ ରଥମରା ଆମ୍ବଡହରା ୪ କି.ମି. ଆର୍‌ଡି ରାସ୍ତା ନିର୍ମାଣ ଆରମ୍ଭ ହୋଇଛି। ଏ ନେଇ ବିଧିବଦ୍ଧଭାବେ ପୂଜାର୍ଚ୍ଚନା କରାଯାଇଛି। ରାସ୍ତା ନିର୍ମାଣ ହେଲେ ଲୋକେ ଯାତାୟାତରେ ସୁବିଧା ପାଇବେ। ଏଥିରେ ମହାଦେଇଯୋଡ଼ା ସରପଞ୍ଚ ରମେଶ ମୁଣ୍ଡା, ବସନ୍ତ ବେହେରା ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ୨ ବନପାଳ, ଗାର୍ଡ ନିଲମ୍ବିତ

## ଜଙ୍ଗଲ ସୁରକ୍ଷାରେ ଅବହେଳା

କେନ୍ଦୁଝର/ପାଟଣା,୧୧।୩(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର/ ବୀର କିଶୋର ଦାଶ)

କେନ୍ଦୁଝର ବନଖଣ୍ଡ ଅଧୀନ ୩ ବନ କର୍ମଚାରୀଙ୍କୁ ଜଙ୍ଗଲ ସୁରକ୍ଷାରେ ଅବହେଳା ଅଭିଯୋଗରେ ଡିଏଫ୍‌ଓ ଏଚ୍‌ଡି ଧନ୍‌ରାଜ ମଙ୍ଗଳବାର ନିଲମ୍ବନ କରିଛନ୍ତି। ସେମାନେ ହେଲେ ଘଟଗାଁ ରେଞ୍ଜ ଘଟଗାଁ ସେକ୍ସନ ବନପାଳ ବିଶ୍ୱରଞ୍ଜନ ମିଶ୍ର, ଘଟଗାଁ ରେଞ୍ଜ କାର୍ଯ୍ୟାଳୟର ବନପାଳ ପ୍ରମୋଦ ବେହେରା, ପାଟଣା ସେକ୍ସନ ପାଟଣା ବିଟ୍ ଫରେଷ୍ଟ ଗାର୍ଡ ହୃଦାନନ୍ଦ ମହାନ୍ତି। ଫରେଷ୍ଟର ପ୍ରମୋଦ ପ୍ରଶାସନିକ ଅନୁଶାସନ ଏବଂ ଜଙ୍ଗଲ ଅଗ୍ନିକାଣ୍ଡରେ ଅବହେଳା କରିଥିଲେ। ଫରେଷ୍ଟର ବିଶ୍ୱରଞ୍ଜନ ଅନଧିକୃତ ଅନୁପସ୍ଥିତି ଏବଂ ପାଟ୍ରୋଲିଂ ଏବଂ ଅଗ୍ନି ପରିଚାଳନାରେ ତ୍ରୁଟି କରିଥିଲେ। ଫରେଷ୍ଟର ହୃଦାନନ୍ଦ ମହାନ୍ତି ପାଟଣାରେ ହାତୀ ଫସଲ କ୍ଷତି ଆକଳନରେ ବିଳମ୍ବ ଓ ଡ୍ୟୁଟି ସମୟରେ ମଦ୍ୟପାନ ପାଇଁ ନିଲମ୍ବନ କରାଯାଇଥିବା ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ବନ କର୍ମଚାରୀମାନେ ଠିକ୍ ଭାବେ ଡ୍ୟୁଟି କରୁ ନ ଥିବାରୁ ଘଟଗାଁ ଏବଂ ପାଟଣା ରେଞ୍ଜରେ ଅନେକ ଏକର ଜଙ୍ଗଲ ପୋଡ଼ି ପାଉଁଶ ହୋଇଯାଉଥିବା ଲୋକେ ଅଭିଯୋଗ କରିଛନ୍ତି।

# ଗ୍ରାମ୍ୟ କୃଷି କର୍ମଚାରୀ ପଦବୀରେ ନିଯୁକ୍ତି ଦାବି

## ୪ ପ୍ରାର୍ଥୀଙ୍କ ଆମରଣ ଅନଶନ, ସମୂହ ଆତ୍ମାହୁତି ଚେତାବନୀ

ଆନନ୍ଦପୁର,୧୧।୩(ସୁଶାନ୍ତ କୁମାର ସାହୁ)




୪ ପ୍ରାର୍ଥୀ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରୁଛନ୍ତି।

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡର ୪ ଜଣ ଗ୍ରାମ୍ୟ କୃଷି କର୍ମଚାରୀ ପଦବୀ ନିମନ୍ତେ ଆଶୀ ପ୍ରାର୍ଥୀ ନିଯୁକ୍ତି ସମ୍ପର୍କିତ ଆଦେଶକୁ ପୁନର୍ବାର ବିଚାର କରିବାକୁ ଦାବି କରିଛନ୍ତି। ବିଚାରି କରି ଆସନ୍ତା ମାର୍ଚ୍ଚ ୧୬ ତାରିଖରେ ନିଯୁକ୍ତିପତ୍ର ଦେବାକୁ ଦାବି କରିଛନ୍ତି। ନ ଚେତ ୪ ପ୍ରାର୍ଥୀ ପରିବାର ସହ ଭୁବନେଶ୍ୱର କୃଷି ଭବନ ସମ୍ମୁଖରେ ଆମରଣ ଅନଶନ ସହ ଆତ୍ମାହୁତି ଦେବାକୁ ଖବରଦାତା ସମ୍ମିଳନୀରେ ଚେତାବନୀ ଦେଇଛନ୍ତି।

ଅଭିଯୋଗ ମୁତାବକ, ଆନନ୍ଦପୁର ଉପଖଣ୍ଡର ୪ ପ୍ରାର୍ଥୀ ନିଳାମ୍ବର ପରିଡ଼ା, ବେଣୁଧର ସା, ମନମୋହନ ସା, ସନ୍ଧ୍ୟାରାଣୀ ସେଠୀ +୨ ଧନ୍ଦାମୂଳକ କୃଷି ବିଭାଗରେ ତାଲିମ ଗ୍ରହଣ କରିଛନ୍ତି। ୨୦୦୮ରେ ଜିଲାରେ ଗ୍ରାମ୍ୟ କୃଷି କର୍ମଚାରୀ ପଦବୀ ନିଯୁକ୍ତି ନିମନ୍ତେ ୩୬ ଗୋଟି ପଦ ବାହାରିଥିଲା। ଜିଲାସ୍ତରୀୟ ନିଯୁକ୍ତି ଥିବା ବେଳେ ଜିଲାର ପ୍ରାର୍ଥୀଙ୍କୁ ନିଯୁକ୍ତିର ସୁଯୋଗ ଦିଆଗଲାନାହିଁ। ପରୀକ୍ଷା ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ନିଯୁକ୍ତି ମିଳିଲାନାହିଁ। ଏ ନେଇ ୪ ଜଣ ପ୍ରାର୍ଥୀ ସରକାରଙ୍କ ବିରୋଧରେ ଓଡ଼ିଶା ଉଚ୍ଚ ନ୍ୟାୟଳୟର ଆଶ୍ରୟ ନେଇଥିଲେ। ୨୪ ସେପ୍ଟେମ୍ବର ୨୦୨୪ରେ ଉଚ୍ଚ-ନ୍ୟାୟାଳୟ ଯଦି ଜିଲାରେ ଗ୍ରାମ୍ୟ କୃଷି ପଦବୀ ଖାଲିଅଛି ୪ ପ୍ରାର୍ଥୀଙ୍କୁ ବିଚାର କରି ନିଯୁକ୍ତି ଦେବାକୁ ରାୟରେ କହିଥିଲେ। ଏ ନେଇ ବିଭାଗୀୟ ସଚିବକୁ ୫୭ ଥର ଅଭିଯୋଗ କରି ସାକ୍ଷାତ କରିବା ପରେ ବିବିଭାଗୀୟ ସଚିବ ଓ ନିର୍ଦ୍ଦେଶକଙ୍କ ଉଦାସୀନତା ମନୋଭାବ ଯୋଗୁ ନିଯୁକ୍ତିରୁ ବଞ୍ଚିତ ହୋଇଛନ୍ତି। ୪ ଆଶାୟୀ ପ୍ରାର୍ଥୀ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଆମରଣ ଅନଶନ କରିବା ସହିତ ସଚିବ ଓ ନିର୍ଦ୍ଦେଶକଙ୍କୁ ଅବଗତ କରାଇଥିଲେ। ମାତ୍ର ନ୍ୟାୟରୁ ବଞ୍ଚିତ ହୋଇଛନ୍ତି। ତେଣୁ ଆସନ୍ତା ୧୬ ତାରିଖ ଦିନ ୪ଜଣ ଏବଂ ପରିବାର ସଦସ୍ୟଙ୍କ ସହ ଆମରଣ ଅନଶନ କରିବେ। ସମସ୍ୟା ସମାଧାନ ନ ହେଲେ ସମୂହ ଆତ୍ମହୁତି ଦେବାକୁ ଖବରଦାତା ସମ୍ମିଳନୀ କରି ଚେତାବନୀ ଦେଇଛନ୍ତି।

# ଗ୍ୟାସ୍ ସିଲିଣ୍ଡର ଅଭାବ, ଖାଉଟି ଚିନ୍ତାରେ

# ଜାଳେଣି କାଠର ଚାହିଦା ବଢ଼ୁଛି

କେନ୍ଦୁଝର,୧୧।୩(ନରେଶ ଚନ୍ଦ୍ର ପଟ୍ଟନାୟକ): ମଧ୍ୟପ୍ରାଚ୍ୟ ଦେଶରେ ଚାଲିଥିବା ଯୁଦ୍ଧର ପ୍ରଭାବ ଭାରତରେ ପଡ଼ିଛି। ବିଶେଷ କରି ରନ୍ଧନ ଗ୍ୟାସର ସମସ୍ୟା ଦେଖାଯାଉଥିବା ବେଳେ ଗତ କିଛି ଦିନ ହେବ ରାଜ୍ୟରେ ବିଭିନ୍ନ ଗ୍ୟାସ୍ ଏଜେନ୍ସିରେ ଲୋକଙ୍କ ଭିଡ଼ ଲାଗୁଛି। ଏହାର ପ୍ରଭାବ କେନ୍ଦୁଝର ଜିଲାରେ ମଧ୍ୟ ପରିଲକ୍ଷିତ ହୋଇଛି। ଏହି ସମୟରେ କମର୍ସିଆଲ ଗ୍ୟାସ ସିଲିଣ୍ଡର ମିଳିବ କି ନାହିଁ ସେ ଚିନ୍ତାରେ ହୋଟେଲ, ରେଷ୍ଟୁରାଣ୍ଟ ମାଲିକମାନେ ରହିଥିବା ବେଳେ ଗ୍ୟାସ ଉପରେ ନିର୍ଭରଶୀଳ ସାଧାରଣ ଲୋକେ ମଧ୍ୟ ଏଜେନ୍ସି ଆଗରେ ଲାଇନ ଲାଗାଉଛନ୍ତି। ଏହି ସମୟରେ ବିକଳ୍ପ ବ୍ୟବସ୍ଥା ଭାବେ ପାହାଡ଼ ପର୍ବତ ଘେରା କେନ୍ଦୁଝର ଜିଲାରେ ଜାଳେଣି କାଠର ଚାହିଦା ବୃଦ୍ଧି ପାଇଛି।



ଆଦିବାସୀ ମହିଳା ରାସ୍ତାକଡ଼ରେ ଜାଳେଣି କାଠ ରହିଖି ବିକ୍ରି କରୁଛନ୍ତି।

ସୂଚନାଯୋଗ୍ୟ, ଜିଲାରେ ଅଧିକାଂଶ ସ୍କୁଲ ହଷ୍ଟେଲ, ଢାବା ତଥା ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଛୋଟ ହୋଟେଲରେ ରୋଷେଇ ପାଇଁ ଜାଳେଣି କାଠ ଓ କାଠ କୋଇଲା ବ୍ୟବହାର କରିଥାନ୍ତି। ଏଣୁ ଗ୍ରାମାଞ୍ଚଳରେ ସେଭଳି ପ୍ରଭାବ ପଡ଼ି ନ ଥିବା ବେଳେ ସହରାଞ୍ଚଳ ତଥା ଗ୍ରାମାଞ୍ଚଳର ମଧ୍ୟବିତ୍ ଓ ଉଚ୍ଚ ମଧ୍ୟବିତ୍ ଶ୍ରେଣୀର ପରିବାର ଗ୍ୟାସ ସିଲିଣ୍ଡର ଅଭାବକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ରୋଷେଇ ଗ୍ୟାସ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଥିବା ଲୋକେ ରନ୍ଧନ ଗ୍ୟାସ ଅଭାବକୁ ଦେଖି ବିକଳ୍ପ ଭାବରେ କାଠ ଚୁଲି ଖୋଜୁଛନ୍ତି। ମାଟିରେ ତିଆରି ବା ଲୁହାରେ ତିଆରି ଚୁଲି କିଣୁଛନ୍ତି। ବନବାସୀ ମୁଣ୍ଡ ବା ଭାରରେ ବୋହି ଜଙ୍ଗଲ ଓ ପାହାଡ଼ରୁ ଜାଳେଣି କାଠ ଆଣି ବଜାରେ ବିକ୍ରି କରୁଛନ୍ତି। ପୂର୍ବରୁ ମଧ୍ୟ ସେମାନେ କାଠ ବ୍ୟବସାୟ କରୁଥିଲେ ହେଁ ଗତ କିଛି ଦିନ ହେବ ଅଧିକ ଚାହିଦା ରହିଥିବା ବନବାସୀ କହିଛନ୍ତି।

ବନବାସୀ ସୀତା ନାଏକ କହିଛନ୍ତି, ବହୁ କଷ୍ଟରେ କାଠ ବୋହି ଆଣୁଛୁ। କେତେକ ହୋଟେଲ ଓ ଲୋକ କିଣୁଛନ୍ତି କିନ୍ତୁ ଠିକ୍ ଦାମ ଦେଉନାହାନ୍ତି। ଅନେକ ସମୟରେ ଗ୍ରାହକ ଅପେକ୍ଷାରେ ବସି ରହିବାକୁ ପଡୁଛି। ପରେ ବାଧ ହୋଇ କମ ମୂଲ୍ୟରେ ହୋଟେଲରେ ଦେଇ ପଳାଉଥିଲୁ। ଏବେ ଅପେକ୍ଷା କରିବାକୁ ପଡୁନାହିଁ। କମ ସମୟରେ କାଠ ବିକ୍ରି ହୋଇଯାଉଛି। ବନ ବିଭାଗର କଟକଣାକୁ ମଧ୍ୟ ଭୟ ଲାଗୁଛି। ପୂର୍ବତନ ବିଧାୟକ ପ୍ରାଣବଲ୍ଲଭ ନାୟକ କହିଛନ୍ତି, ଜିଲାରେ ଜଙ୍ଗଲ ଓ ପରିବେଶ ବହୁ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଲାଗି ରହିଲେ, କାଠର ଆବଶ୍ୟକତା ବଢ଼ିବ। ଫଳରେ ଜଙ୍ଗଲ ଓ ପରିବେଶ ବହୁ ମାତ୍ରାରେ କ୍ଷତିଗ୍ରସ୍ତ ହେବ। ପରିବେଶବିତ୍ ଡ. ବିଦ୍ୟାଧର ବେହେରା କହିଛନ୍ତି, ଜଙ୍ଗଲ ବିଭାଗ ଅଧୀନରେ ଥିବା କାଠଡିପୋରେ ବହୁ ପରିମାଣରେ କାଠ ଠିକ୍ ପରିଚାଳନା କରୁ ନ ଥିବାରୁ ନଷ୍ଟ ହେଉଛି। ଏହି ସମୟରେ କାଠଗୁଡ଼ିକ ଜାଳେଣି ଭାବରେ ବିକ୍ରି କଲେ ସରକାର ରାଜସ୍ୱ ପାଇବେ।

## ସଂକ୍ଷେପରେ

### ଖଣି ଅଧିକାରୀଙ୍କ ଦ୍ୱାରା ୨ ଟ୍ରାକ୍ଟର ଜବତ



କାଳିପଦା, ୧୧ ।୩(ରାଜଶ୍ରୀ ପାଣିଗ୍ରାହୀ):

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀର ଇକଡପାଳ ପନ୍ତାଇ ଘାଟରୁ ପ୍ରତ୍ୟେକ ଦିନ ବ୍ୟାପକ ବାଲି ଚୋରା ଚାଲାଣ ହେଉଛି। ସ୍ଥାନୀୟ ଲୋକଙ୍କ ବିରୋଧ ପରେ ମଧ୍ୟ ଚୋରାଚାଲାଣକାରୀମାନେ ପ୍ରଶାସନକୁ ହାତବାରିଶି କରି ରାତି ଦିନ ବାଲି ଲୁଟ୍ କରିଆସୁଥିଲେ। ବୁଧବାର ପୂର୍ବାହ୍ନରେ ଖଣି ବିଭାଗ ଅଧିକାରୀ ସତ୍ୟଚିନ୍ମୟ ଜେନା ଓ ତାଙ୍କ ଟିମ ପନ୍ତାଇ ଘାଟରେ ଚଢ଼ାଉ କରିଥିଲେ। ବାଲି ଉଠାଉଥିବା ନୌକାଗୁଡ଼ିକ ନଦୀ ଭିତରକୁ ପଳାଇଯାଇଥିବା ବେଳେ ୨ଟି ଟ୍ରାକ୍ଟର ଜବତ କରି ବାଲିଆପାଳ ଥାନା ଜିମା ଦେଇଛନ୍ତି।

### ମାଟିଆଳପଦାରେ ବିଶ୍ୱଶାନ୍ତି ମହାଯଜ୍ଞ

ଖଇରା, ୧୧ ।୩(ଉତ୍କଳବନ୍ଧୁ ପଣ୍ଡା):

ବାଲେଶ୍ୱର ଜିଲା ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ମାଟିଆଳପଦା ଗ୍ରାମରେ ବିଶ୍ୱାଶାନ୍ତି ତଥା ଅଷ୍ଟପ୍ରହର ନାମଯଜ୍ଞ ମଙ୍ଗଳ ଓ ବୁଧବାର ୨ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଘାଉଲି ଗିରି, ନରହରି ଗିରି, ଚୈତନ୍ୟ ମହାନ୍ତି, ସୁବାସ ମହାନ୍ତି, ଦାମୋଦର ମହାନ୍ତି ଓ ମଥୁରା ମହାନ୍ତିଙ୍କ ଦ୍ୱାରା କଳସ ଅଣାଯାଇଥିଲା। ପଣ୍ଡିତ ନରସିଂହ ଶତପଥି, ସଦାଶିବ ଆଚାର୍ଯ୍ୟ, ରାଜେନ୍ଦ୍ର ଶନିବିଗ୍ରହ ଓ ଭାଗବତ ଦାଶଙ୍କ ଦ୍ୱାରା ଯଜ୍ଞାଦି କର୍ମ ଅନୁଷ୍ଠିତ ହୋଇଥିଲା। ସେହିଭଳି ମା' କେନ୍ଦୁରୀପଶ୍ଚିମା ଅଷ୍ଟପ୍ରହର ନାମଯଜ୍ଞ କମିଟି ଆନୁକୂଲ୍ୟରେ ନାମଯଜ୍ଞ ଆୟୋଜନ କରାଯାଇଥିଲା । ମାନସ କୁମାର ମହାନ୍ତି, ବସନ୍ତ ଜେନା, ଦିନେଶ ଦାସ, ଭାଗିରଥି ବେହେରା, ଭରତ ମହାନ୍ତି, ଉମାକାନ୍ତ ଗିରି, ସରୋଜ ମହାନ୍ତି, ସୁଦର୍ଶନ ମହାନ୍ତି, ରାଜେନ୍ଦ୍ର ମହାନ୍ତିଙ୍କ ସମେତ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ନାରୀ ସଶକ୍ତୀକରଣ, ବିକାଶ ଉପରେ ଗୁରୁତ୍ୱ

■ ସମ୍ବର୍ଦ୍ଧିତ ହେଲେ ମହିଳା ଲୋକୋ ପାଇଲଟ୍
■ ଏଫ୍ଏମ୍ୟୁରେ ଅନ୍ତର୍ଜାତୀୟ ମହିଳା ଦିବସ

ବାଲେଶ୍ୱର, ୧୧ ।୩(ବାଞ୍ଛାନିଧି ଦେ):



ମହିଳା ଲୋକୋ ପାଇଲଟ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ନୂଆପାଢ଼ୀ କ୍ୟାମ୍ପସରେ ମଙ୍ଗଳବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ନାରୀ ସଶକ୍ତିକରଣ ଓ ବିକାଶ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଏକ ପ୍ୟାନେଲ ଆଲୋଚନା ହୋଇଥିଲା। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରି ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହନ, ନାରୀ ନେତୃତ୍ୱର ବିକାଶ ଓ ସେମାନଙ୍କ ସମଗ୍ର ଉନ୍ନତି ପାଇଁ ସୁଯୋଗ ସୃଷ୍ଟିରେ ବିଶ୍ୱବିଦ୍ୟାଳୟମାନେ ମୁଖ୍ୟ ଭୂମିକା ନେବା ଆବଶ୍ୟକ ବୋଲି କହିଥିଲେ।

ସମ୍ମାନନୀୟ ଅତିଥି ଭାବେ କୁଳସଚିବ କୁକୁମୀନା ଦାସ, ନୀଳଗିରିର ଉପଜିଲାପାଳ ଶୁଭଶ୍ରୀ ରଥ, ଡିଆର୍‌ଡିଓ ବୈଜ୍ଞାନିକ ଡ. ଶ୍ରାବଣୀ ଘୋଷ, କେସି ପିପିଲି ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ମାନସୀ ସାହୁ, ବିଶିଷ୍ଟ ସାହିତ୍ୟିକା ସୈରିନ୍ଧ୍ରୀ ସାହୁ ଓ ଡ. କବିତା ବାରିକ ମଞ୍ଚାସୀନ ହୋଇ ଛାତ୍ରୀମାନେ ଲକ୍ଷ୍ୟସାଧନ ଦିଗରେ ଆତ୍ମବିଶ୍ୱାସୀ ଓ ଦୃଢସଂକଳ୍ପମନା ହେବା ଉଚିତ୍। ଶିକ୍ଷା ଓ ସଚେତନତା ହେଉଛି ନାରୀଙ୍କ ମର୍ଯ୍ୟାଦା, ସମାନତା ଓ ସଶକ୍ତିକରଣ ସୁନିଶ୍ଚିତ କରିବାର ପ୍ରମୁଖ ଉପାୟ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଭାରତୀୟ ରେଳବାଇର ଖୋର୍ଦ୍ଧା ରୋଡ୍ ବିଭାଗର ପ୍ରଥମ ମହିଳା ଲୋକୋ ପାଇଲଟ୍ ସୌମ୍ୟସ୍ନାତା ପାଢ଼ୀଙ୍କୁ ଉଲ୍ଲେଖନୀୟ ସଫଳତା ପାଇଁ ସମ୍ମାନିତ କରାଯାଇଥିଲା। ସେ ତାଙ୍କ ପ୍ରେରଣାଦାୟକ ଜୀବନଯାତ୍ରାକୁ ଉପସ୍ଥାପନ କରି ଛାତ୍ରୀମାନଙ୍କୁ ଧୈର୍ଯ୍ୟ, ସାହସ ଓ ନିଷ୍ଠା ସହିତ ସମସ୍ତ ବାଧାକୁ ଅତିକ୍ରମ କରିବାକୁ ଆହ୍ୱାନ କରିଥିଲେ। ସାମାଜିକ ବିଜ୍ଞାନ ବିଭାଗର ଛାତ୍ରୀ ରୋଜାଲିନ ସାହୁ ପ୍ୟାନେଲିଷ୍ଟ ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ଡ. ରାଜଶ୍ରୀ ଦତ୍ତ ଅତିଥି ପରିଚୟ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ସ୍ୱାଗତଭାଷଣ ଦେଇଥିଲେ। ମନୋବିଜ୍ଞାନ ବିଭାଗର ସହଯୋଗୀ ଅଧ୍ୟାପକ ଶଶାଙ୍କ ଶେଖର ଗଡ଼ନାୟକ ଓ ଅଧ୍ୟାପିକା ଶିଖାଶ୍ରୀ ରାୟ ସହଯୋଗ କରିଥିଲେ। ନୃତତ୍ତ୍ୱ ବିଭାଗର ସହଯୋଗୀ ଅଧ୍ୟାପକ ଡ. ଆକାଶ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ଟ୍ରାକ୍ଟର ଧକ୍କାରେ ଛାତ୍ରଙ୍କ ମୃତ୍ୟୁ

ବାଲେଶ୍ୱର, ୧୧ ।୩
(ମୃତ୍ୟୁଞ୍ଜୟ ପଟ୍ଟନାୟକ):

### କ୍ଷତିପୂରଣ ଦାବିରେ ନିଆଁ ଜାଳି ରାସ୍ତାରୋକୋ

ବାଲେଶ୍ୱର-ଚାନ୍ଦିପୁର ଡିଫେନ୍ସ ରୋଡ୍‌ର ଜେନାପୋଖରୀଠାରେ ବୁଧବାର ଅପରାହ୍ନ ପ୍ରାୟ ଗୋଟାଏ ବେଳେ ଏକ ବାଇକ୍‌କୁ ପଛପଟୁ ଟ୍ରାକ୍ଟର ଧକ୍କା ଦେବାରୁ ବାଇକ୍‌ରେ ବସିଥିବା ଛାତ୍ରଙ୍କ ମୃତ୍ୟୁ ହୋଇଛି। ବାଇକ୍ ଆରୋହୀ ସାମାନ୍ୟ ଆହତ ହୋଇଛନ୍ତି। ମୃତ ଛାତ୍ର ହେଲେ ଗୋତିକୃଷ୍ଣ ସୋରେନ (୧୬) ଓ ତାଙ୍କ ଘର ଚାନ୍ଦିପୁର ଥାନା ଚକ ସିମୁଳିଆ ଗ୍ରାମରେ।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବାଇକ୍ ପଛପଟେ ଗୋତିକୃଷ୍ଣ ଏକ ସାଇକେଲ ଧରି ବସିଥିଲେ। ପଛପଟୁ ଏକ ଟ୍ରାକ୍ଟର ଧକ୍କା ଦେଇ ଦୁର୍ଘଟଣାସ୍ଥଳରୁ ଖସି ପଳାଇଥିଲା। ଗୋତିକୃଷ୍ଣ ବାଇକ୍‌ରୁ ଓଲଟି ତଳେ ପଡ଼ି ଯାଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ମାତ୍ର ବାଇକ୍ ଆରୋହୀ ଜଣକ ସାମାନ୍ୟ ଆହତ ହୋଇଥିଲେ। ଗୁରୁତର ଗୋତିକୃଷ୍ଣଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚାନ୍ଦିପୁର ଥାନାକୁ ଖବର ଦିଆଯାଇଥିଲେ ହେଁ ପୋଲିସ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଦୁର୍ଘଟଣାସ୍ଥଳକୁ ଆସି ନ ଥିଲା। ତେବେ ଗୋତିକୃଷ୍ଣଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକମାନେ ଉତ୍ତେଜିତ ହୋଇ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରି ସନ୍ଧ୍ୟାରେ ରାସ୍ତାରୋକୋ କରିଥିଲେ। ରାସ୍ତାରେ ନିଆଁ ଜଳାଇ ଶତାଧିକ ଲୋକେ ରାସ୍ତା ଅବରୋଧ କରିଥିବା ବେଳେ ଯାନବାହନ ଚଳାଚଳ ଠପ୍ ରହିଥିଲା।


କ୍ଷତିପୂରଣ ଦାବିରେ ନିଆଁ ଜଳାଇ ରାସ୍ତାରୋକୋ।

# 'ଗ୍ଲୁକୋମାମୁକ୍ତ ବିଶ୍ୱ ପାଇଁ ଏକାଠି ହେବା'

ବାଲେଶ୍ୱର, ୧୧ ।୩(ବାଞ୍ଛାନିଧି ଦେ):

ବାଲେଶ୍ୱର ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜିଲା ସ୍ୱାସ୍ଥ୍ୟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ବିଶ୍ୱ ଗ୍ଲୁକୋମା ଦିବସ ପାଳିତ ହୋଇଯାଇଛି। ଚଳିତ ବର୍ଷର ବିଷୟବସ୍ତୁ ଥିଲା 'ଗ୍ଲୁକୋମାମୁକ୍ତ ବିଶ୍ୱ ପାଇଁ ଏକାଠି ହେବା'।

ଜିଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଭାତ କୁମାର ବେହେରା ଏଥିରେ ସଭାପତିତ୍ୱ କରି କଳାମୋତିଆ (ଗ୍ଲୁକୋମା)ର କାରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଏହାର କୌଣସି ଲକ୍ଷଣ ପ୍ରକାଶ ନ ଥାଇ ଅନ୍ଧ କରିଦେଇଥାଏ। ଏଣୁ ସମସ୍ତ ୪୦ ବର୍ଷ ଉପରେ ଥିବା ଜନସାଧାରଣ ନିୟମିତ ଆଖି ପରୀକ୍ଷା କରାଇବା ଉଚିତ୍ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଚକ୍ଷୁ ବିଶେଷଜ୍ଞ ଡା. ବିକାଶ ରଞ୍ଜନ ନାୟକ ଯୋଗଦେଇ ସମଗ୍ର ବିଶ୍ୱରେ ୭୮କୋଟି ଲୋକ ଏହି ରୋଗରେ ଆକ୍ରାନ୍ତ। ଏହା ଆରୋଗ୍ୟସାଧ ନୁହେଁ। ଏଣୁ ସମସ୍ତେ ନିୟମିତ ବ୍ୟବଧାନରେ ଚକ୍ଷୁ ପରୀକ୍ଷା କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଡା. ମନୋଜ ସାହୁ ଭିଟାମିନ (କ) ଯୁକ୍ତ ଖାଦ୍ୟ ଖାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ କର, ଡା. ସଞ୍ଜୀବ କୁମାର ପ୍ରଧାନ କଳା ମୋତିଆ ବିଷୟରେ ଗୋଷ୍ଠୀସ୍ତରରେ ଅଧିକ ସଚେତନତା ଜରୁରୀ ବୋଲି କହିଥିଲେ। ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଡା. ସୁଜିତ୍ କୁମାର ମହାପାତ୍ର ପରିଚାଳନା କରିଥିଲେ। ଏହି ଅବସରରେ ଏକ ସଚେତନତା ପଦଯାତ୍ରା ସିନେମା ଛକ ଦେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲା। ସହକାରୀ ଜିଲା ଯୋଗାଯୋଗ ଅଧିକାରୀ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଦେଇଥିଲେ।


ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ସ୍ୱାସ୍ଥ୍ୟ ଅଧିକାରିଣୀ ଓ ଛାତ୍ରୀଛାତ୍ର।

### ଶ୍ରୀରାମନବମୀ ପାଳନ ପାଇଁ ପ୍ରସ୍ତୁତି ବୈଠକ

ନୀଳଗିରି, ୧୧ ।୩(ପ୍ରଶାନ୍ତ ବିଶ୍ୱାଳ): ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମଦିନ ଉପଲକ୍ଷେ ନୀଳଗିରି ଶ୍ରୀରାମସେନା ପକ୍ଷରୁ ଗୁଣ୍ଡିଚାମନ୍ଦିର ପ୍ରାଙ୍ଗଣରେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୭ରେ ଶ୍ରୀରାମନବମୀ ଉପଲକ୍ଷେ ଅନୁଷ୍ଠିତ ହେବାକୁ ଥିବା ଭବ୍ୟ ଆୟୋଜନ ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏହି ଅବସରରେ ରାମସେନା, ବଜରଙ୍ଗ ବାହିନୀର ଏକ ବିରାଟ ପଟୁଆର ଜଗନ୍ନାଥ ମନ୍ଦିରଠାରୁ ବାହାରି ସହରପରିକ୍ରମା କରିବା ପରେ ସମ୍ମିଳିତ ହୋଇ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ହେବାର ସ୍ଥିରୀକୃତ ହୋଇଛି। ବୈଠକରେ ଏମ୍‌ପି ପ୍ରତିନିଧି ଚନ୍ଦ୍ରବିନ୍ଦୁ ଦାସ, ମନୋରଞ୍ଜନ ବେହେରା, ଦେବାଶିଷ ଆଚାର୍ଯ୍ୟ, ସବ୍ୟସାଚୀ ମହାପାତ୍ର, ଅଜିତ କୁମାର ମହାନ୍ତି, ଶୁଭ୍ରାଂଶୁ ଶେଖର ନନ୍ଦ, କରୁଣାକର ସ୍ୱାଇଁ, ଆନନ୍ଦ ମିଶ୍ର, ପ୍ରଫୁଲ୍ଲ ଦଳେଇ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

ବାଲେଶ୍ୱର, ୧୧ ।୩(ବାଞ୍ଛାନିଧି ଦେ):

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପସା ନୀଳମଣି ମହାବିଦ୍ୟାଳୟ ଆନୁକୂଲ୍ୟରେ ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷ ଡ. ତପନ କୁମାର ବେହେରା ଅଧ୍ୟକ୍ଷତା କରି ଏହି ଆତ୍ମରକ୍ଷା କୌଶଳ ମହିଳାଙ୍କ ସୁରକ୍ଷା ଓ ନିର୍ଯାତନା ମୁକ୍ତ ସମାଜ ଗଠନ ଦିଗରେ ସହାୟକ ବୋଲି ବକ୍ତବ୍ୟରେ କହିଥିଲେ। ମୁଖ୍ୟବକ୍ତା ଭାବେ ଅର୍ଥନୀତି ବିଭାଗ ପ୍ରାଧ୍ୟାପକ ସରୋଜ କୁମାର ପାଣି ଯୋଗଦେଇ ଆତ୍ମରକ୍ଷା କୌଶଳ ହିଁ ମହିଳାଙ୍କ ସୁରକ୍ଷା ଦିଗରେ ଉପଯୁକ୍ତ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ।

ଉପଦେଷ୍ଟା ଅଧ୍ୟାପିକା ଦେବସ୍ମିତା ଭୂୟାଁ ୮ଦିନ ବ୍ୟାପୀ ହେବାକୁ ଥିବା ଏହି ଶିବିରର ଆଭିମୁଖ୍ୟ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ମାଷ୍ଟର ଟ୍ରେନର ଅନାମିକା ପ୍ରଧାନ ଓ ଅନିତା ସାହୁ ଯୋଗଦେଇ ଆତ୍ମରକ୍ଷା କୌଶଳର ବିଭିନ୍ନ ଦିଗ ସମ୍ପର୍କରେ ଛାତ୍ରୀମାନଙ୍କୁ ତାଲିମ ଦେଇଥିଲେ। ଅଧ୍ୟାପକ ଶ୍ରୀଧର କୁମାର ବେହେରା ଧନ୍ୟବାଦ ଦେଇଥିଲେ। ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀମାନେ ଶିବିରରେ ଅଂଶଗ୍ରହଣ କରିଛନ୍ତି।


ଛାତ୍ରୀମାନଙ୍କୁ ତାଲିମ ଦିଆଯାଉଛି।

### ଓଡ଼ିଶା ଫଟୋଗ୍ରାଫର ସଂଘର ସ୍ମୃତିସଭା ଓ ଆର୍ଥିକ ସହାୟତା


ସ୍ମୃତିସଭାରେ ସଂଘର ସଦସ୍ୟଗଣ।

ଖଇରା, ୧୧ ।୩(ଉତ୍କଳବନ୍ଧୁ ପଣ୍ଡା):

ଖଇରା ଓ ଔପଦା ଅଞ୍ଚଳର ଜଣାଶୁଣା ଫଟୋଗ୍ରାଫର ପ୍ରାଥଞ୍ଜୟ ବାରିକଙ୍କ ବିୟୋଗରେ ଏକ ସ୍ମୃତିସଭା କୁରୁଣ୍ଟା ପଞ୍ଚାୟତ ଅଧୀନ ମରିପୁର ଖଇରା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଂଘର ସଭାପତି ସଞ୍ଜୟ ରଥ, ସମ୍ପାଦକ ସୁଶାନ୍ତ କୁମାର ମହାନ୍ତି, ଖଇରା ଔପଦା ସଂଘ ଶାଖା ସଭାପତି ରୋହିତ କୁମାର ରାଉତ, ସମ୍ପାଦକ ରଞ୍ଜନ କୁମାର ବେହେରା ପ୍ରମୁଖ ସ୍ମୃତିସଭାରେ ଉପସ୍ଥିତ ରହି ସ୍ୱର୍ଗତ ବାରିକଙ୍କ କର୍ମନିପୁଣତା ଉପରେ ଆଲୋକପାତ କରିଥିଲେ। ପ୍ରଥମେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଶେଷରେ ରାଜ୍ୟ ତଥା ଖଇରା-ଔପଦା ସଂଘ ତରଫରୁ ମିଳିତ ଭାବେ ୪୦ହଜାର ଟଙ୍କାର ଆର୍ଥୀକ ସହାୟତା ଶୋକସନ୍ତପ୍ତ ପରିବାରକୁ ପ୍ରଦାନ କରାଯାଇଥିଲା।

# ଅଧଘଣ୍ଟା ଧରି ପଡ଼ିରହିଲା ଲେଭଲକ୍ରସିଂ ଫାଟକ

ନୀଳଗିରି, ୧୧ ।୩(ପ୍ରଶାନ୍ତ ବିଶ୍ୱାଳ):

ବାଲେଶ୍ୱର ଜିଲା ନୀଳଗିରି ଗୋପୀନାଥପୁର ରେଲୱେ ଷ୍ଟେଶନର ଅନତି ଦୂରରେ ଥିବା ନୀଳଗିରି-ମିତ୍ରପୁର ରାସ୍ତାର ଡାହାଣୀମରା ଲେଭଲକ୍ରସିଂ ଫାଟକରେ ବୁଧବାର ଏକ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି। ମଧ୍ୟାହ୍ନ ପ୍ରାୟ ୧୨ଟା ୨୪ମିନିଟ୍ ସମୟରେ ବାଲେଶ୍ୱରରୁ ନୀଳଗିରି ଯାତ୍ରୀବାହୀ ଟ୍ରେନ୍ ଆସୁଥିବା ବେଳେ ଡାହାଣୀମରା ରେଳଫାଟକ ପଡ଼ିଥିଲା। ମାତ୍ର ଟ୍ରେନ ଷ୍ଟେଶନରେ ପହଞ୍ଚି ଥିବାବେଳେ ରେଳ ଫାଟକର ସେନ୍ସର୍ କାମ ନ କରିବାରୁ ପ୍ରାୟ ୩୦ମିନିଟ୍ ଧରି ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଲୋକ ଓ ଯାନବାହନ ଅଟକି ରହିଥିଲା। କିଛି ଲୋକେ ବିରକ୍ତି ପ୍ରକାଶ କରିଥିଲେ। ସେଠାରେ ଫାଟକ ପକାଉଥିବା କର୍ମଚାରୀମାନେ ଦୀର୍ଘ ସମୟ ଚେଷ୍ଟା ପରେ ସଫଳ ହୋଇଥିଲେ। ପରେ ଫାଟକ କାର୍ଯ୍ୟକ୍ଷମ ହେବା ପରେ ଗେଟ୍ ଉଠିଥିଲା। ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।


ରେଲୱେ ଫାଟକ ପଡ଼ିଛି।

# ଛାତ୍ରୀଙ୍କୁ ବଳାତ୍କାର ମାମଲା: ଦୋଷୀଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

ବାଲେଶ୍ୱର, ୧୧ ।୩(ବାଞ୍ଛାନିଧି ଦେ):

ଜଣେ ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ମାମଲାର ଶୁଣାଣି କରି ବୁଧବାର ବାଲେଶ୍ୱର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ଇନ୍ଦିରା ପ୍ରିୟଦର୍ଶିନୀ ଅଭିଯୁକ୍ତ ପ୍ରଶାନ୍ତ ସାମଲଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦେୟ ଅଧିକ ୧ବର୍ଷ କାରାଦଣ୍ଡ ଭୋଗିବାକୁ କୁହାଯାଇଛି। ପୀଡ଼ିତାଙ୍କୁ ୫ଲକ୍ଷ ଟଙ୍କାର ସହାୟତା ପ୍ରଦାନ ଲାଗି ଜିଲା ଆଇନ ସେବା ପ୍ରାଧିକରଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସିମୁଳିଆ ଥାନା ଅଞ୍ଚଳର ଛାତ୍ରୀ ଟ୍ୟୁଶନରୁ ଘରକୁ ଫେରୁଥିଲେ। ସ୍ଥାନୀୟ ଅଞ୍ଚଳର ଅଭିଯୁକ୍ତ ପ୍ରଶାନ୍ତ ସାମଲ (୨୩) ଛାତ୍ରୀଙ୍କୁ ଅପହରଣ କରି ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା (ନଂ. ୩୭୮/୨୫) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପୀଡ଼ିତାଙ୍କ ବୟାନ ସହ ୨୨ଜଣ ସାକ୍ଷୀ ଓ ୫୮ଦଲିଲ ଦସ୍ତାବିଜକୁ ଆଧାର କରି ଜଜ୍ ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଇମୋହନ ପଟ୍ଟନାୟକ ମାମଲାର ପରିଚାଳନା କରୁଥିଲେ।

# ମାଙ୍କଡ଼ ଓ ଷଣ୍ଢଙ୍କ ଉତ୍ପାତରେ ଚାଷୀ ଅତିଷ୍ଠ

### ବିଧାନସଭାରେ ପ୍ରଶ୍ନ ଉଠାଇଲେ ବିଧାୟକ

ଭୋଗରାଇ, ୧୧ ।୩(ପ୍ରଦୀପ ଦାସ):

ବାଲେଶ୍ୱର ଜିଲାରେ ମାଙ୍କଡ଼ ଓ ଷଣ୍ଢଙ୍କ ଉତ୍ପାତ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବିଶେଷ କରି ସମୁଦ୍ରକୂଳିଆ ଅଞ୍ଚଳରେ ମାଙ୍କଡ଼ ପଲଙ୍କ ବଂଶବୃଦ୍ଧି ଓ ମାଳମାଳ ଷଣ୍ଢଙ୍କ ଉତ୍ପାତରେ ଚାଷୀକୁଳ ପ୍ରଭାବିତ ହେଉଛନ୍ତି। ୨୦ବର୍ଷ ପୂର୍ବରୁ ମାଙ୍କଡ଼ ପଲଙ୍କ ସଂଖ୍ୟା ଯାହାଥିଲା ଏବେ ଏହା ୧୦ଗୁଣା ବଢ଼ିଛି। ଭୋଗରାଇ ବ୍ଲକର ପ୍ରତ୍ୟେକ ଗ୍ରାମରେ ୫ରୁ ୧୦ ପର୍ଯ୍ୟନ୍ତ ଷଣ୍ଢ ବିଚରଣ କରି ବନ୍ଧବାଡ଼ ଭାଙ୍ଗି ଫସଲ ଖାଇବା ସହ ଦଳି ମକଚି ନଷ୍ଟ କରୁଛନ୍ତି। ଏଭଳି ସ୍ଥିତିରେ ରାଜ୍ୟରେ ପକ୍ଷୀ, ବାଘ ଓ କୁମ୍ଭୀର ଗଣନା କରାଯାଉଥିବାବେଳେ ମାଙ୍କଡ଼ ସଂଖ୍ୟା କେତେ ଓ ମାଙ୍କଡ଼ ଉପଦ୍ରବ ଯୋଗୁ ଚାଷୀକୁଳ ଗଭୀର ଭାବେ ପ୍ରଭାବିତ ହେଉଥିବାରୁ ସରକାର କ'ଣ ପଦକ୍ଷେପ ନେଇଛନ୍ତି ବୋଲି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ବିଧାନସଭାରେ ମଙ୍ଗଳବାର ଅଣତାରକା ପ୍ରଶ୍ନରେ ରାଜ୍ୟ ସରକାରଙ୍କୁ ପ୍ରଶ୍ନ ପଚାରିଛନ୍ତି। ଉକ୍ତ ପ୍ରଶ୍ନରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ରାଜ୍ୟରେ ମାଙ୍କଡ଼ ସଂଖ୍ୟାଗଣନା କରାଯାଇ ନ ଥିବା ବେଳେ ମାଙ୍କଡ଼ ଉପଦ୍ରବ ରୋକିବାକୁ ମାଙ୍କଡ ଧରାଳି ପ୍ରଶିକ୍ଷକଙ୍କୁ ନିୟୋଜିତ କରାଯାଇଛି। ଉତ୍ପାତ କରୁଥିବା ମାଙ୍କଡ଼ଗୁଡ଼ିକୁ ପ୍ଲାଷ୍ଟିକ ଜାଲ ବିଛାଯାଇ ଧରାଯିବା ସହିତ କୌଶଳଭାବେ ନିଦ୍ରେଜ ଔଷଧ ଦିଆଯାଇ ଜଙ୍ଗଲ ବିଭାଗ ପକ୍ଷରୁ ଛଡ଼ା ଯିବାର ବ୍ୟବସ୍ଥା କରାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

### ସାଇକେଲ ଚାଳକଙ୍କୁ ଚାପିଦେଲା ଟ୍ରକ୍

ଭୋଗରାଇ, ୧୧।୩ ପ୍ରଦୀପ ଦାସ):

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନମ୍ବର ରାଜ୍ୟ ରାଜପଥର ଜୟନଗର ଛକରେ ବୁଧବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଜଳେଶ୍ୱରରୁ - ଚନ୍ଦନେଶ୍ୱର ଅଭିମୁଖେ ଯାଉଥିବା ଟିପ୍ପ ବୋଝେଇ ଟ୍ରକ (ନଂ. ଓଡି ୦ ୧ ଏ ଏଲ ୬ ୫ ୯ ୯) ଜଣେ ଯୁବକଙ୍କୁ ଚାପି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ଭୋଗରାଇ ପୋଲିସ ପହଞ୍ଚି ଟ୍ରକକୁ ଜବତ କରିଥିବା ବେଳେ ଗାଡିଚାଳକଙ୍କୁ ଥାନାକୁ ନେଇ ଅଟକ ରଖିଛି। ମୃତ ଯୁବକ ହେଲେ ଜଳସୋହରିଆ ଗ୍ରାମର ଦୁଲା କୁଣ୍ଡ( ୪୫)। ଅଗ୍ନିଶମ ବିଭାଗ ଶବକୁ ଉଦ୍ଧାର କରି ଜଳେଶ୍ୱରପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଛି।

# ବାଲେଶ୍ୱରରୁ ପୁରୀକୁ ଗଡ଼ିଲା ୭ ଓଏସ୍ଆର୍‌ଟିସି ବସ୍

■ ତୀର୍ଥଯାତ୍ରାରେ ଗଲେ ୨୨୩ ବରିଷ୍ଠ ନାଗରିକ
■ ୨୧ ଏସକର୍ଟ ଅଫିସର ସାମିଲ

ବାଲେଶ୍ୱର, ୧୧ ।୩(ବାଞ୍ଛାନିଧି ଦେ):

ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ବୁଧବାର ବାଲେଶ୍ୱର ସହରସ୍ଥିତ ଆଇଟିଆଇ ପଡ଼ିଆରୁ ୭ଟି ଓଏସ୍ଆର୍‌ଟିସି ବସ୍ ଯୋଗେ ୨୨୩ଜଣ ବରିଷ୍ଠ ତୀର୍ଥଯାତ୍ରୀ ପୁରୀ ଶ୍ରୀଜଗନ୍ନାଥ ଧାମକୁ ଯାତ୍ରା କରିଛନ୍ତି। ସେମାନଙ୍କ ସହ ୨୧ଜଣ ଏସକର୍ଟ ଅଫିସର ସାମିଲ ହୋଇଛନ୍ତି।

ଏହି ତୀର୍ଥଯାତ୍ରା ନିମନ୍ତେ ଚୟନ ହୋଇଥିବା ଯାତ୍ରୀମାନେ ନିଜ ବ୍ଲକରେ ପହଞ୍ଚିଥିଲେ। ପର୍ଯ୍ୟଟନ ବିଭାଗ ପକ୍ଷରୁ ସେମାନଙ୍କୁ ସକାଳେ ବସ୍ ଯୋଗେ ସହରର ଆଇଟିଆଇ ପଡ଼ିଆକୁ ଅଣାଯାଇଥିଲା। ସେଠାରେ ସେମାନଙ୍କର ପଞ୍ଜୀକରଣ ଓ ସ୍ୱାସ୍ଥ୍ୟପରୀକ୍ଷା କରାଯାଇ ସ୍ୱାଗତ କରାଯାଇଥିଲା। ସେଠାରେ ରହଣି, ଖାଦ୍ୟପାନୀୟ ବ୍ୟବସ୍ଥା ହୋଇଥିଲା। ଅପରାହ୍ନରେ ମୁଖ୍ୟଅତିଥି ଭାବେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ପତାକା ଦେଖାଇ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ। ଯାତ୍ରୀମାନେ ପୁରୀରେ ପହଞ୍ଚିବା ପରେ ବୃନ୍ଦାବତୀ ନିବାସରେ ରାତ୍ରୀଯାପନ ପାଇଁ ବ୍ୟବସ୍ଥା ହୋଇଛି। ଗୁରୁବାର ସମସ୍ତେ ଜଗନ୍ନାଥଙ୍କୁ ଦର୍ଶନ ସାରି ରାତିରେ ସେହି ବସ୍ ଯୋଗେ ବାଲେଶ୍ୱରକୁ ଫେରିବେ ବୋଲି ଜିଲାପାଳ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପର୍ଯ୍ୟଟନ ଅଧିକାରୀ ବିଶ୍ୱଜିତ ବେହେରା, ଜିଲା ସାମାଜିକ ସୁରକ୍ଷା ଅଧିକାରିଣୀ ପ୍ରତିଭା ବେହେରା, ଜିଲାପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡ. ମଧୁସ୍ମିତା ସାମନ୍ତରାୟ, ଡେପୁଟି କଲେକ୍ଟର ସୀତାଂଶୁ ଶେଖର ଦାସ, ଆର୍‌ଟିଓ ଶ୍ୟାମଳେନ୍ଦୁ ରାଉତ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ, ଜିଲା ଜରୁରୀକାଳୀନ ଅଧିକାରୀ ସାଇକୃଷ୍ଣ ଜେନା ପ୍ରମୁଖ ଯୋଗଦେଇ ଆବଶ୍ୟକ ସାମଗ୍ରୀ ଥିବା ସ୍ୱତନ୍ତ୍ର କିଟ୍ ତୀର୍ଥଯାତ୍ରୀମାନଙ୍କୁ ପ୍ରଦାନ କରିଥିଲେ।



ଜଣେ ତୀର୍ଥଯାତ୍ରୀଙ୍କୁ କିଟ୍ ପ୍ରଦାନ କରାଯାଉଛି।

